visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.59 Bhubaneswar Tuesday 12, 2022 | ୨୫ତମ ବର୍ଷ ସଂଖ୍ୟା–୫୯ ଭୁବନେଶ୍ୱର, ମଙ୍ଗଳବାର, ଅପ୍ରେଲ ୧୨, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## କାହିଁକି ବଳିପଡିଲେ ଓଡିଆ ଆଇପିଏସ୍ : ଓଏସ୍‌ଡି ସଂଖ୍ୟା ବଢ଼ି ୩ ଛୁଇଁଲା



ଭୁବନେଶ୍ୱର,୧୧।୪(ପି.ଏନ): ରାଜ୍ୟ ପ୍ରଶାସନର ପାୱାରଫୁଲ୍ ଅଣଓଡିଆ ଅଫିସର କୋଟୋରୀଙ୍କ ଆକ୍ରୋଶର ଶିକାର ହୋଇ ବଳିପଡିଲେ ପୁଣି ଜଣେ ଓଡିଆ ବରିଷ୍ଠ ଆଇପିଏସ୍ ଲଳିତ ଦାସ । ଅପ୍ରତ୍ୟାଶିତ ଭାବେ ଗୁଇନ୍ଦା ନିର୍ଦ୍ଦେଶକ ପଦରୁ ୧୯୯୨ ବ୍ୟାଚ୍ ଆଇପିଏସ୍ ଶ୍ରୀ ଦାସଙ୍କୁ ବିଦା କରାଯାଇଛି। ତାଙ୍କ ସ୍ଥାନରେ ସ୍ୱ?ଶାଳ ଆମର୍ଡ ପୁଲିସ ଫୋର୍ସର ଅତିରିକ୍ତ ଡିଜି ୧୯୯୩ ବ୍ୟାଚ୍ ଆଇପିଏସ୍ ଆର ପି କୋଚେଙ୍କୁ ଗୁଇନ୍ଦା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ତୁଲାଇବାକୁ କୁହାଯାଇଛି । ତେବେ ଶ୍ରୀ ଦାସଙ୍କୁ କାହିଁକି ଗୃହ ବିଭାଗର ଓଏସଡି ଭାବେ ଅଚାନକ ବଦଳି କରାଗଲା, ସେ ବିଷୟରେ କେହି କିଛି ଟେର ପାଉନାହାନ୍ତି । ଯଦିଓ ଏହି ଅପ୍ରତ୍ୟାଶିତ ବଦଳିକୁ ନେଇ ପାୱାର କରିଡରରେ ଚର୍ଚ୍ଚା ଜୋର ଧରିଛି ।ମିଳିଥିବା ସୂଚନା ଅନୁସାରେ, ୧୯୯୨ ବ୍ୟାଚ୍ ଆଇପିଏସ୍ ଶ୍ରୀ ଦାସ ଗତ ୩-୪ଦିନ ଧରି ଅଫିସ୍ ଆସୁନଥିଲେ । ତାଙ୍କୁ ଆଜି ଅଚାନକ ଓଏସଡି ଭାବେ ବଦଳି କରାଯିବା ପରେ ସେ ଗୃହ ବିଭାଗରେ ତୃତୀୟ ବରିଷ୍ଠ ଆଇପିଏସ୍, ଯାହାଙ୍କୁ ବିନା କାର୍ଯ୍ୟରେ ସରକାର ବସାଇ ଦରମା ଦେବାକୁ ନିଷ୍ପତ୍ତି ନେଇଛନ୍ତି । ତାଙ୍କ ପୂର୍ବରୁ ୧୯୯୫ ବ୍ୟାଚ୍ ଆଇପିଏସ୍ ତଥା ଏଡିଜି ରିତୁ ଅରୋରାଙ୍କୁ ୨୦୨୦ ମସିହାରୁ ଏବଂ ଡିଜି ପାହ୍ୟାର ୧୯୮୮ ବ୍ୟାଚ୍ ଆଇପିଏସ୍ ବିନୟାନନ୍ଦ ଝା'ଙ୍କୁ ଓଏସଡି ଭାବେ ୨୦୨୧ ନଭେମ୍ବର ୨୩ତାରିଖରୁ ଅବସ୍ଥାପିତ କରାଯାଇଛି । ଏହି ୩ ବରିଷ୍ଠ ଆଇପିଏସ୍ ଏବେ ବିନା କାମରେ ଘରେ ବସି ବସି ଦରମା ନେବେ । ସେମାନଙ୍କ ବରିଷ୍ଠତା ଓ ପୁଲିସ ପ୍ରଶାସନରେ ଅଭିଜ୍ଞତା ଏବେ ମୂଲ୍ୟହୀନ ହୋଇପଡିଛି ।ଅନ୍ୟପକ୍ଷରେ ଦୀର୍ଘ ବର୍ଷ ଧରି ରାଜ୍ୟ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରିଥିବା ୧୯୯୨ ବ୍ୟାଚ୍ ଲଳିତ ଦାସ ୨୦୨୧ ଜୁନ୍ ୨୫ତାରିଖରେ ରାଜ୍ୟ ଗୁଇନ୍ଦା ନିର୍ଦ୍ଦେଶକ ପଦରେ ଅବସ୍ଥାପିତ ହୋଇଥିଲେ । ପଂଚାୟତ ଓ ପୌର ନିର୍ବାଚନ ଦୃଷ୍ଟିରୁ ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀକୁ ବଦଳି କରାଯାଇଥିଲେ ମଧ୍ୟ ତାଙ୍କୁ ଖୋଲାଖୋଲି କାର୍ଯ୍ୟ କରିବାର ସୁଯୋଗ ମିଳିନଥିଲା । ବିଶେଷକରି ରାଜନୀତିକ ଗୁଇନ୍ଦା(ପଲଟିକାଲ ଇଣ୍ଟେଲିଜେନ୍ସୀ)ରୁ ତାଙ୍କୁ ଦୂରେଇ ରଖାଯାଇଥିଲା । ଗୁଇନ୍ଦା ବିଭାଗରେ କାର୍ଯ୍ୟରତ ଅନ୍ୟ ଜଣେ ଜୁନିୟର ଆଇପିଏସଙ୍କ ମାଧ୍ୟମରେ ପଲଟିକାଲ ଇଣ୍ଟେଲିଜେନ୍ସ ଇନପୁଟକୁ ତୃତୀୟ ମହଲା ସିଧାସଳଖ ସଂଗ୍ରହ କରୁଥିଲା । ଯେହେତୁ ଶ୍ରୀ ଦାସ ସିଧାସଳଖ ପଲିଟିକାଲ ଇଣ୍ଟେଲିଜେନ୍ସୀ ସହ ଜଡିତ ନଥିଲେ ତେଣୁ ତାଙ୍କ ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ(ଓଏସଡି ଭାବେ ବଦଳି) ପଛର କାରଣକୁ ନେଇ କେହି ଟେର୍ ପାଉନାହାନ୍ତି । ଗୁଇନ୍ଦା ନିର୍ଦ୍ଦେଶକ ଭାବେ ମହାରାଷ୍ଟ୍ରରେ ଜନ୍ମିତ ଆଇପିଏସ୍ ଶ୍ରୀ କୋଚେଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ପୁଲିସ ବିଭାଗ ଏବେ ସମ୍ପୂର୍ଣ୍ଣ ଭାବେ ମହାରାଷ୍ଟ୍ରରେ ଜନ୍ମିତ ଅନ୍ୟ ଜଣେ ବରିଷ୍ଠ ଆଇପିଏସଙ୍କ ନିୟନ୍ତ୍ରଣରେ ରହିଛି, ଯିଏକି ଗୃହ ବିଭାଗକୁ ସିଧାସଳଖ ନିୟନ୍ତ୍ରଣ କରୁଥିବା ପାୱାର କରିଡରରେ ଚର୍ଚ୍ଚା ହେଉଛି ।ସୂଚନାଯୋଗ୍ୟ, ବିଗତ କିଛିବର୍ଷ ମଧ୍ୟରେ ରାଜ୍ୟ ପ୍ରଶାସନିକ କଳରେ ଅଣଓଡିଆ ଅଫିସରଙ୍କ ମାତ୍ରାଧିକ ପ୍ରଭାବ ଯୋଗୁ ଓଡିଆ ଅଫିସରମାନଙ୍କୁ ଅପମାନିତ କରାଯାଉଛି । ଯେଉଁ ଓଡିଆ ଅଫିସରମାନେ ସାଲିସ୍ କରୁଛନ୍ତି ସେମାନେ ଠିକଠାକ୍ କାର୍ଯ୍ୟ କରୁଥିବାବେଳେ ଅନ୍ୟମାନେ ବାଧ ହୋଇ ଚାକିରି ଛାଡୁଛନ୍ତି ନଚେତ୍ ସେମାନଙ୍କୁ ଗୁରୁତ୍ୱହୀନ ପଦବୀକୁ ବଦଳି କରି ଦିଆଯାଉଛି । ଆଇଏଏସ୍ ଗଗନ କୁମାର ଧଳଙ୍କୁ ଚାକିରି କାଳ ସରିବା ପୂର୍ବରୁ ଅବସର ନେଇ ଯାଇଥିବାବେଳେ ଆଇଏଏସ୍ ପ୍ରଦୀପ୍ତ କୁମାର ମହାପାତ୍ର ଏବେ ପ୍ରଶାସନରେ ଅଣଦେଖା ହୋଇ ରହିଛନ୍ତି । ସେହିପରି ଡିଜି ପାହ୍ୟାର ଓଡିଆ ଆଇପିଏସ୍ ବିକେ ଶର୍ମାଙ୍କୁ ୧୩ମାସ ଧରି ଓଏସଡି ଭାବେ ବସାଇବା ପରେ ଗତ କିଛିମାସ ତଳେ ତାଙ୍କୁ ପ୍ରିଣ୍ଟି ପ୍ରେସ୍ ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି । ଜଣେ ଦକ୍ଷ ଆଇପିଏସ୍ ଅଫିସର ଭାବେ ଜାତୀୟସ୍ତରରେ ଶ୍ରୀ ଶର୍ମାଙ୍କ ପରିଚୟ ରହିଛି, ତଥାପି ତାଙ୍କୁ ପୁଲିସ ବିଭାଗରୁ ଦୂରେଇ ରଖାଯାଇଛି । ଏବେ ଲଳିତ ଦାସଙ୍କୁ ଓଏସଡି ଭାବେ ଅଚାନକ ବଦଳି କରାଯାଇଛି, ପରୋକ୍ଷରେ ସରକାର ତାଙ୍କ କାର୍ଯ୍ୟରେ ଖୁସି ନଥିବାର ସନ୍ଦେଶ ଦିଆଯାଇଛି । ଆହୁରି କିଛି ଆଇଏଏସ୍ ଅଫିସର ମଧ୍ୟ ନିଜକୁ ଅଣନିଶ୍ୱାସୀ ମନେକରି ଚାକିରିରୁ ଅବସର ନେଇ ଅନ୍ୟତ୍ର ଥଇଥାନ ହୋଇଥିବା ଜଣାଯାଇଛି ।ତେଣୁ ରାଜ୍ୟ ସରକାରଙ୍କ ଏଭଳି ବେପରୁଆ ଆଇଏଏସ୍ ଓ ଆଇପିଏସ୍ ମ୍ୟାନେଜମେଣ୍ଟ ବିଶେଷକରି ଓଡିଆ ଅଫିସରମାନଙ୍କ ଉପରେ ଆକ୍ରୋଶ ହିଁ ରାଜ୍ୟବାସୀଙ୍କ ମଧ୍ୟରେ ଉଦବେଗର କାରଣ ପାଲଟିଛି । ରାଜ୍ୟରେ ମୋଟ ୧୯୫ଟି ମଞ୍ଜୁରୀପ୍ରାପ୍ତ ଆଇପିଏସ୍ ପଦବୀ ଥିବାବେଳେ ସେଥିରୁ ମାତ୍ର ୯୩ଜଣ ଏବେ ରାଜ୍ୟରେ କାର୍ଯ୍ୟରତ । ଆଉ ଯେତିକି ଅଛନ୍ତି ସେମାନଙ୍କୁ ବି ଓଏସଡି ନିଯୁକ୍ତି ଦେଇ ସରକାର ବିନା କାମରେ ଦରମା ଦେଉଛନ୍ତି ।

## ପେଟ୍ରୋଲ, ଡ଼ିଜେଲ, ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ବିରୁଦ୍ଧରେ ସିପିଆଇ (ଏମ୍-ଏଲ୍) ଲିବରେସନର ପ୍ରତିବାଦ

ଭୁବନେଶ୍ୱର, ୧୧।୪(ପି.ଏନ): ଦେଶରେ କ୍ରମାଗତ ଭାବରେ ପେଟ୍ରୋଲ, ଡ଼ିଜେଲ, ରନ୍ଧନ ଗ୍ୟାସ୍ ଓ ଅତ୍ୟାବଶ୍ୟକ ସାମଗ୍ରୀର ମହଙ୍ଗା ଦରକୁ ନିୟନ୍ତ୍ରଣ କରିବା ପାଇଁ ଏପ୍ରିଲ୍ ୭ରୁ ୧୩ ପର୍ଯ୍ୟନ୍ତ ଦେଶବ୍ୟାପୀ ଦିଆଯାଇଥିବା ପ୍ରତିବାଦ ଡ଼ାକରାରେ ସିପିଆଇ (ଏମ୍-ଏଲ୍) ଲିବରେସନ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଭୁବନେଶ୍ୱରରେ ପ୍ରତିବାଦ କରାଯାଇଛି। ବିଶୋଧିତ ତୈଳର ମୂଲ୍ୟ ଆନ୍ତର୍ଜାତିକସ୍ତରେ କମ୍ ଥିଲା ବେଳେ ଭାରତ ସରକାର ଯେଉଁଭଳି ଭାବରେ ଦେଶରେ ପେଟ୍ରୋଲ, ଡ଼ିଜେଲ ଓ ରନ୍ଧନ ଗ୍ୟାସ୍‌ର ଦର ବୃଦ୍ଧି କରି ଟିକସ ଆଦାୟ କରୁଛନ୍ତି, ତାହା ଜନବିରୋଧୀ କାର୍ଯ୍ୟ ବୋଲି ସିପିଆଇ (ଏମ୍-ଏଲ୍) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଦେଶର ଗରୀବ ଜନସାଧାରଣଙ୍କ ଉପରେ ତୈଳ ଦରର ପ୍ରଭାବ ବୋଝ ଉପରେ ନଳିତାବିଡ଼ା ସଦୃଶ ହୋଇଛି। ଫଳତଃ ଏମାନେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଗୁଡ଼ିକ କ୍ରୟ କରିପାରୁ ନାହାଁନ୍ତି। କିନ୍ତୁ କେନ୍ଦ୍ର ଓ ରାଜ୍ୟ ସରକାର ସେମାନଙ୍କ କର୍ମଚାରୀ ମାନଙ୍କର ମହଙ୍ଗା ଭତ୍ତା ବୃଦ୍ଧି କରି ସେମାନଙ୍କ ସମସ୍ୟାକୁ ଲାଘବ କରିଛନ୍ତି। ଏହା ମଧ୍ୟ ଦେଶର ଦରଦାମ ବୃଦ୍ଧି ଉପରେ ପ୍ରଭାବ ପକାଉଛି। ଗରିବ ଲୋକ ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଯୋଗୁ ମହଙ୍ଗା ମାଡ଼ରେ ଜର୍ଜରିତ ହେଉଛନ୍ତି। ରାଜ୍ୟ ସରକାର ତୁରନ୍ତ ପେଟ୍ରୋଲ, ଡ଼ିଜେଲ ଓ ଗ୍ୟାସ୍ ଉପରୁ ଭାଟ କମାଇବା ପାଇଁ ଆଜିର ଏହି ପ୍ରତିବାଦରେ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ତଥା ସିପିଆଇ (ଏମ୍-ଏଲ୍) ଲିବରେସନର କେନ୍ଦ୍ରୀୟ କମିଟି ସଦସ୍ୟ ରାଧାକାନ୍ତ ସେଠି, ଏଆଇସିସିଟିୟୁର ରାଜ୍ୟ ସମ୍ପାଦକ ମହେନ୍ଦ୍ର ପରିଡ଼ା, ଲିଙ୍ଗରାଜ ଚୌଧୁରୀ, ବିଜୟ ବେହେରା, ଉପେନ୍ଦ୍ର ସାହୁ, ଜାନକୀ ରାଓ, ଶଙ୍କର ନାଏକ, ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ଅଂଶ ଗ୍ରହଣ କରି କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ।

## କେନ୍ଦ୍ରମନ୍ତ୍ରୀଙ୍କୁ ଯୋଗାଣମନ୍ତ୍ରୀଙ୍କ ଚିଠି : ସାଧାରଣ ବଂଟନ ବ୍ୟବସ୍ଥାରେ ରାଜ୍ୟକୁ ୧୦୦ ପ୍ରତିଶତ ଚାଉଳ ଯୋଗାଇଦେବାକୁ ଦାବି

ଭୁବନେଶ୍ୱର, ୧୧।୪(ପି.ଏନ): ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ରାଜ୍ୟର ହିତାଧିକାରୀମାନଙ୍କୁ ୧୦୦ ପ୍ରତିଶତ ଚାଉଳ ଯୋଗାଇଦେବା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଂଟନ ମନ୍ତ୍ରୀ ପୀୟୁଷ ଗୋୟଲଙ୍କୁ ପତ୍ର ଲେଖିଛନ୍ତି ।ମନ୍ତ୍ରୀ ଶ୍ରୀ ସ୍ୱାଇଁ ପତ୍ର ମାଧ୍ୟମରେ ଜଣାଇଛନ୍ତି ଯେ ଭାତ ଓଡ଼ିଶା ଲୋକମାନଙ୍କର ମୁଖ୍ୟ ଖାଦ୍ୟ ହୋଇଥିବାବେଳେ ସାଧାରଣ ବଂଟନ ବ୍ୟବସ୍ଥାରେ ରାଜ୍ୟକୁ ଗହମ ଯୋଗାଇଦେବା ଯଥାର୍ଥ ନୁହେଁ ବୋଲି ମନେହୁଏ ଓ ଏହା ହିତାଧିକାରୀଙ୍କ ଅସନ୍ତୋଷର କାରଣ ହେଉଛି । କେନ୍ଦ୍ର ସରକାର ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଶତପ୍ରତିଶତ ଚାଉଳ ନଦେଇ ମାସିକ ଆବଣ୍ଟନର ୮୬ ପ୍ରତିଶତ ଚାଉଳ ଓ ୧୪ ପ୍ରତିଶତ ଗହମ ଦେଉଛନ୍ତି । ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ ୯୩.୧୮ ଲକ୍ଷ ହିତାଧିକାରୀ ପରିବାରଙ୍କ ୩.୨୫୪ କୋଟି ହିତାଧିକାରୀ ମୁଖ୍ୟତଃ ଗ୍ରାମାଞ୍ଚଳରେ ବସବାସ କରିଥାଆନ୍ତି, ଯେଉଁଠାରେ ପର୍ଯ୍ୟାପ୍ତ ସଂଖ୍ୟକ ଅଟାକଳ ନଥିବାରୁ ଲୋକମାନେ ହଇରାଣ ହେଉଛନ୍ତି ଏବଂ ଏହା ଖାଦ୍ୟ ସୁରକ୍ଷାର ନିର୍ଦ୍ଦେଶନାମା ପୂରଣ କରୁନାହିଁ । ପୂର୍ବରୁ ଅନେକବାର ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ଦ୍ୱାରା କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ହିତାଧିକାରୀଙ୍କ ଚାହିଦା ଅନୁଯାୟୀ ଗହମ ବଦଳରେ ଚାଉଳ ଯୋଗାଇଦେବା ପାଇଁ ଅନୁରୋଧ କରାଯାଇଛି ।

## ଢ଼େଙ୍କାନାଳରେ ପୌରାଧକ୍ଷଙ୍କ ଘରକୁ ବୋମାମାଡ଼ ଘଟଣାରେ ଚିନ୍ତାପ୍ରକଟ କେଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୧୧।୪(ପି.ଏନ): ଢ଼େଙ୍କାନାଳରେ ନବ ନିର୍ବାଚିତ ପୌରାଧକ୍ଷା ତଥା ବିଜେପି ନେତ୍ରୀ ଜୟନ୍ତୀ ପାତ୍ର ଏବଂ ତାଙ୍କ ସ୍ୱାମୀ ରାମଚନ୍ଦ୍ର ପାତ୍ରଙ୍କୁ ଦୁବୃତମାନେ ଦୁଇ ଦୁଇ ଥର ଟାର୍ଗେଟ୍ କରି ଆକ୍ରମଣ କରିବା ତଥା ତାଙ୍କ ବାସଭବନକୁ ବୋମା ମାଡ଼ ଘଟଣାରେ ଚିନ୍ତାବ୍ୟକ୍ତ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଏହି ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୋଲିସ ଡିଜିଙ୍କ ସହ କଥା ହୋଇଥିବା ବେଳେ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଘଟଣାରେ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଆଶାବ୍ୟକ୍ତ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ଯେ ଢ଼େଙ୍କାନାଳ ହେଉଛି ଶାନ୍ତିପ୍ରିୟ ଅଂଚଳ । ଦୁର୍ବୃତ ମାନେ ନିର୍ଭୟରେ ଏଭଳି ଘଟଣା ଘଟାଇବା ଅତ୍ୟନ୍ତ ଚିନ୍ତାଜନକ । ଭୟ ଓ ଆତଙ୍କରାଜ ସୃଷ୍ଟି କରି ବିଜେପି ନେତାଙ୍କ ସ୍ୱରକୁ ଦବାଯାଇପାରିବ ନାହିଁ । ଏଭଳି ଏକ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା କେବଳ ମୋ ପାଇଁ ନୁହେଁ ବରଂ ଓଡ଼ିଶାର ପ୍ରତ୍ୟେକ ନାଗରିକଙ୍କ ପାଇଁ ଚିନ୍ତାର କାରଣ । ନିକଟ ଅତୀତରେ ପ୍ରାକ୍ ଏବଂ ପରବର୍ତୀ ନିର୍ବାଚନୀ ହିଂସା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ଦର୍ଶାଇବା ସହ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କଲା ଭଳି ମନେହେଉଛି ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

## ଆସନ୍ତାକାଲିଠାରୁ କଂଟାବାଞ୍ଜି ପର୍ଯ୍ୟନ୍ତ ଚାଲିବ ଇସ୍ପାତ ଏକ୍ସପ୍ରେସ୍

ଭୁବନେଶ୍ୱର, ୧୧।୪(ପି.ଏନ):, ହାଓଡ଼ା-ଟିଟିଲାଗଡ଼-ହାଓଡ଼ା ଇସ୍ପାତ ଏକ୍ସପ୍ରେସର ସେବାକୁ ଆସନ୍ତାକାଲି (୧୨ ଏପ୍ରିଲ) ଠାରୁ କାଂଟାବାଞ୍ଜି ପର୍ଯ୍ୟନ୍ତ ସମ୍ପ୍ରସାରିତ କରିବାକୁ ନିଷ୍ପତି ନିଆଯାଇଛି । ବଲାଙ୍ଗୀରର ସାଂସଦ (ଲୋକସଭା) ଶ୍ରୀମତୀ ସଂଗୀତା ସିଂଦେଓ ଇସ୍ପାତ ଏକ୍ସପ୍ରେସକୁ କାଂଟାବାଞ୍ଜି ରେଳ ଷ୍ଟେସନରୁ ସବୁଜ ପତାକା ପ୍ରଦର୍ଶନ କରାଇ ସମ୍ପ୍ରସାରଣର ଶୁଭାରମ୍ଭ କରିବେ ।ସମ୍ପ୍ରସାରିତ ଅଂଶର ଉଦଘାଟନୀ ଉତ୍ସବରେ, ଏହି ଟ୍ରେନ୍ କାଂଟାବାଞ୍ଜିରୁ ପୂର୍ବାହ୍ନ ୧୦ ଘଟିକାରେ ଏକ ସ୍ୱତନ୍ତ୍ର ଟ୍ରେନ୍ ଭାବରେ ଯାତ୍ରା କରିବ ଏବଂ ରାତ୍ରି ୧୧ଘ.୩୦ମି.ରେ ହାଓଡ଼ାରେ ପହଂଚିବ। ଏହି ଟ୍ରେନ୍ ସଇଁତଳା, ଲୋଇସିଙ୍ଗା, ବରପାଲି, ହିରାକୁଦ୍, ରେଙ୍ଗାଲୀ, ରାଜଗାଙ୍ଗପୁର, ମନୋହରପୁର, ଚକ୍ରଧରପୁର, ରାଜଖରସୁଆନ୍, ସିନି, ରଖା ମାଇନ୍ସ,, ଚକୁଲିଆ, ଝାରଗ୍ରାମ, ସାନ୍ତ୍ରାଗଛି ଠାରେ ମଧ୍ୟ ରହଣି କରିବ ।ଏହି ଟ୍ରେନର ନିୟମିତ ସେବା ହାଓଡ଼ା ଠାରୁ ୧୪ ଏପ୍ରିଲ ରୁ ପ୍ରତି ରବିବାର, ମଙ୍ଗଳବାର, ଗୁରୁବାର ଏବଂ ଶୁକ୍ରବାର ଏବଂ ୧୫ ଏପ୍ରିଲ ଠାରୁ କଂଟାବାଞ୍ଜିରୁ ପ୍ରତ୍ୟେକ ସୋମବାର, ବୁଧବାର, ଶୁକ୍ରବାର ଏବଂ ଶନିବାର ଦିନ ସମ୍ପ୍ରସାରିତ ଅଂଶରେ ସପ୍ତାହରେ ୪ ଦିନ ଚଳାଚଳ କରିବ।୧୬ ଏପ୍ରିଲରୁ ୧୩ ଅଗଷ୍ଟ ମଧ୍ୟରେ ଏହି ଟ୍ରେନ ପ୍ରତ୍ୟେକ ସୋମବାର, ବୁଧବାର ଏବଂ ଶନିବାର ଦିନ ହାଓଡ଼ାରୁ ଟିଟିଲାଗଡ ପର୍ଯ୍ୟନ୍ତ ଚଳାଚଳ କରିବ ଏବଂ ୧୭ ଏପ୍ରିଲରୁ ୧୪ ଅଗଷ୍ଟ ପର୍ଯ୍ୟନ୍ତ ପ୍ରତ୍ୟେକ ମଙ୍ଗଳବାର, ଗୁରୁବାର ଏବଂ ରବିବାର ଦିନ ଟିଟିଲାଗଡରୁ ଯାତ୍ରା ପ୍ରାରମ୍ଭ କରି ହାଓଡ଼ା ଯାତ୍ରା କରିବ । ୧୨୮୭୧/୧୨୮୭୨ ହାଓଡ଼ା-ଟିଟିଲାଗଡ଼-କଣ୍ଟାବାଞ୍ଜି-ହାଓଡ଼ା ଇସ୍ପାତ ଏକ୍ସପ୍ରେସ ନମ୍ବର କୁ ପରିବର୍ତ୍ତିତ କରାଯାଇ ୨୨୮୬୧/୨୨୮୬୨ ହାଓଡ଼ା-ଟିଟିଲାଗଡ଼-କଣ୍ଟାବାଞ୍ଜି-ହାଓଡ଼ା ଇସ୍ପାତ ଏକ୍ସପ୍ରେସ ଭାବରେ ନାମିତ କରାଯିବ । ୧୬ ଅଗଷ୍ଟ ଠାରୁ ହାଓଡ଼ାରୁ ପ୍ରତ୍ୟେକ ରବିବାର, ମଙ୍ଗଳବାର, ଗୁରୁବାର ଓ ଶୁକ୍ରବାର ଏବଂ ୧୭ ଅଗଷ୍ଟଠାରୁ କଂଟାବାଞ୍ଜିରୁ ପ୍ରତ୍ୟେକ ସୋମବାର, ବୁଧବାର, ଶୁକ୍ରବାର ଏବଂ ଶନିବାର ଦିନ ୨୨୮୬୧/୨୨୮୬୨ ହାଓଡ଼ା-ଟିଟିଲାଗଡ଼-କଂଟାବାଞ୍ଜି-ହାଓଡ଼ା ଇସ୍ପାତ ଏକ୍ସପ୍ରେସ ଚଳାଚଳ କରିବ । ୧୨୮୭୧/୧୨୮୭୨ ହାଓଡ଼ା-ଟିଟିଲାଗଡ଼-ହାଓଡ଼ା ଇସ୍ପାତ ଏକ୍ସପ୍ରେସ ହାଓଡ଼ା ରୁ ୧୫ ଅଗଷ୍ଟ ଠାରୁ ପ୍ରତିଦିନ ପରିବର୍ତେ ପ୍ରତ୍ୟେକ ସୋମବାର, ବୁଧବାର ଏବଂ ଶନିବାର ଦିନ ଏବଂ ଟିଟିଲାଗଡ଼ରୁ ୧୬ ଅଗଷ୍ଟ ଠାରୁ ପ୍ରତିଦିନ ପରିବର୍ତେ ପ୍ରତ୍ୟେକ ମଙ୍ଗଳବାର, ଗୁରୁବାର ଏବଂ ରବିବାର ଦିନ ହାଓଡ଼ା ଓ ଟିଟିଲାଗଡ଼ ମଧ୍ୟରେ ଚଳାଚଳ କରିବ ।

## ଗୋଟିଏ ଦିନରେ ୧୨କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୧।୪(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୭୮୫୪ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୮୫୩୬ ହୋଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୪୪ ରହିଛି ।ଆଜି ଚିହ୍ନଟ ହୋଇଥିବା ୧୨ ଜଣଙ୍କ ମଧ୍ୟରୁ ୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଭଦ୍ରକ ଜିଲ୍ଲାରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀର ଜିଲ୍ଲାରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବୁ ବେଳେ ଖୋର୍ଧା ଜିଲ୍ଲାରୁ ମଧ୍ୟ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁର ଜିଲ୍ଲାରୁ ୪ ଜଣ ସଂକ୍ରମିତ ହୋଇଛନ୍ତି । ଅବଶିଷ୍ଟ ୨୫ଟି ଜିଲ୍ଲା ଓ ଷ୍ଟେଟ ପୁଲରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଲୋକାର୍ପିତ: 'ଆୟୁଷ୍ମାନ' ଯୋଜନା ଲାଗୁ ଦାବିକଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ




ଭୁବନେଶ୍ୱର,୧୧।୪(ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡିକାଲ କଲେଜର ଆଜି ଲୋକାର୍ପଣ ହୋଇଛି। କେନ୍ଦ୍ର ସରକାରଙ୍କ ଅନୁଦାନରେ ସ୍ଥାପିତ ଏହି ମେଡିକାଲ କଲେଜର ଲୋକାର୍ପଣ ଉତ୍ସବରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଓଡିଶାବାସୀଙ୍କ ନିମନ୍ତେ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ପାଇଁ 'ଆୟୁଷ୍ମାନ' ଯୋଜନା ଲାଗୁ କରିବାକୁ ପୁଣିଥରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି ।ଆଜି ପୁରୀରେ ମେଡିକାଲ କଲେଜକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରି କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି । ଏଠାରେ ପିଲାମାନେ ମେଡିକାଲ ପାଠ ପ?ିବା ସହ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହୋଇଛି ।ଏହି ଲୋକାର୍ପଣ ଉତ୍ସବରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗ ଦେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ କହିଛନ୍ତି ଯେ, ଓଡିଶା ସରକାର ଆୟୁଷ୍ମାନ ଯୋଜନାକୁ ଲାଗୁ କଲେ ଓଡିଆ ଲୋକମାନେ ତା'ର ଲାଭ ପାଇବେ ଓ ସ୍ୱାସ୍ଥ୍ୟବସ୍ଥା ଭଲ ରହିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ସମୟରେ ଓଡିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି । ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ ହେଉ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ । ତେଣୁ ଓଡିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ସେ ମେଡିକାଲ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଗର୍ବର ବିଷୟ । ସେହି ପବିତ୍ର ଧାମରେ ରହି ମେଡିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ଗର୍ବର ବିଷୟ । ସେହିପରି କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍‌ଯୋଗ କୋଲ୍ ଇଣ୍ଡିଆ ଦ୍ୱାରା ତାଳଚେରରେ ଏକ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇ ମେଡିକାଲ କଲେଜ ସ୍ଥାପନ ହୋଇଛି । ସୁନ୍ଦରଗଡରେ ବି ମେଡିକାଲ କଲେଜ ରାଷ୍ଟ୍ରାୟତ୍ତ ସଂସ୍ଥା ଏନଟିପିସି ଦ୍ୱାରା ସ୍ଥାପିତ ହୋଇଛି । ଏହାର ଲାଭ ଓଡିଶାକୁ ମିଳିବ ବୋଲି ସେ କହିଛନ୍ତି ।ଉଲ୍ଲେଖଯୋଗ୍ୟ, ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ମୋଟ ୧୦୦ଟି ଏମବିବିଏସ୍ ସିଟ୍ ରହିଛି । ଏହି ମେଡିକାଲ କଲେଜକୁ ମିଶାଇଲେ ରାଜ୍ୟରେ ମୋଟ ୮ଟି ସରକାରୀ ମେଡିକାଲ କଲେଜର ମୋଟ ଏମବିବିଏସ୍ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି ।ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ,ମନ୍ତ୍ରୀ ସମୀର ଦାଶ,ତୁଷାରକାନ୍ତି ବେହେରା, ଯୋଜନାବୋର୍ଡ ଉପାଧକ୍ଷ ସଞ୍ଜୟ ଦାସବର୍ମା, ସ୍ଥାନୀୟ ସାଂସଦ ପିନାକୀ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଥାନା ହାଜତରେ ନାବାଳକ ମାନେ ତିନି ଦିନ ରହିବା ମାମଲାର ହେବ ଯାଂଚ

ଭୁବନେଶ୍ୱର, ୧୧।୪(ପି.ଏନ): କଟକ ଏସସିବି ମେଡିକାଲ କଲେଜ ଓ ଡାକ୍ତରଖାନାରେ ଥିବା ଫାଣ୍ଡି ହାଜତରେ ଜଣେ ନାବାଳକଙ୍କୁ ପୁଲିସ ତିନିଦିନ ଅଟକ ରଖିବା ଘଟଣାର ଯାଂଚ କରାଯିବ। କଟକ ଡିସିପି ପ୍ରତୀକ ସିଂହ ଏହି ସୂଚନା ଦେଇଛନ୍ତି। ଜଣେ ଅତିରିକ୍ତ ଏସ୍ ପି ପାହ୍ୟାର ଅଧିକାରୀ ତଦନ୍ତ କରିବେ ବୋଲି ସେ ସୂଚନା ଦେଇଛନ୍ତି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ବଡ ଡାକ୍ତରଖାନା ମେଡିକାଲ୍ ଫାଣ୍ଡି ହାଜତରେ ଜଣେ ନାବାଳକଙ୍କୁ ପୁଲିସ ତିନିଦିନ ଅଟକ ରଖିବା ଭଳି ଅଭିଯୋଗ ଆସିଥିଲା ।

## ପାହାଡ ପର୍ବତ ଘେରା କୋରାପୁଟର ନାରାୟଣାପାଟଣା ବ୍ଲକରେ ଜିଓର ୪ଜି ଡିଜିଟାଲ ସେବା ଆରମ୍ଭ

ଭୁବନେଶ୍ୱର, ୧୧।୪(ପି.ଏନ): ନିକଟରେ ଜିଓ ତାହାର ସମ୍ପୂର୍ଣ୍ଣ ୪ଜି ନେଟୱର୍କ ସହିତ ପାହାଡ ପର୍ବତ ପରିବେଷ୍ଟିତ କୋରାପୁଟ ଜିଲ୍ଲାର ଦୁର୍ଗମ ନାରାୟଣପାଟଣା ବ୍ଲକ ସଦର ମହକୁମା ଓ ନିକଟବର୍ତୀ ଗ୍ରାମଗୁଡିକୁ ସଂଯୁକ୍ତ କରିଛି । ଏହାଦ୍ୱାରା ହଜାର ହଜାର ଅଧିବାସୀଙ୍କ ପାଇଁ ଡିଜିଟାଲ ବିପ୍ଳବର ଶୁଭାରମ୍ଭ କରିଛି, ଯେଉଁମାନଙ୍କ ମଧ୍ୟରୁ ଅନେକ ପ୍ରଥମ ଥର ପାଇଁ ୪ଜି ଇଂଟରନେଟ୍ ସେବାର ଲାଭ ଅନୁଭବ କରିଛନ୍ତି। ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ, ଡାକ୍ତରଖାନା, ପ୍ରଶାସନିକ ସ୍ଥଳ, ଶିକ୍ଷାନୁଷ୍ଠାନ ଏବଂ ବ୍ୟବସାୟ ପ୍ରତିଷ୍ଠାନ ରହିଥିବା ନାରାୟଣପାଟଣା ସହର ସମେତ ଜିଓ ୪ଜି ନେଟୱର୍କ ନିକଟବର୍ତୀ ଗ୍ରାମ ବିକ୍ରମପୁର, ମୁଣ୍ଡିଗୁରା, ବଚନାପୁଟ, ଅଂଚଳପୁର ଆଦିର ଅଧିବାସୀଙ୍କୁ ମଧ୍ୟ ଫାଇଦା ପହଞ୍ଚାଉଛି ଏବଂ ଉକ୍ତ ଦୁର୍ଗମ ଅଂଚଳରେ ଏହା ପ୍ରାୟ ୭୦୦୦ ଲୋକଙ୍କୁ ସେବା ଯୋଗାଇ ଦେଉଛି। ଜିଓ ଓଡ଼ିଶା ଟିମ୍ ର ଏହି ଦ୍ୱରିତ ପ୍ରୟାସକୁ ସ୍ଥାନୀୟ ବାସିନ୍ଦା, ଛାତ୍ରଛାତ୍ରୀ, ବ୍ୟବସାୟୀ ଗୋଷ୍ଠୀ ଏବଂ ଜିଲ୍ଲା ପ୍ରଶାସନ ସମେତ ସବୁ ମହଲରୁ ପ୍ରଶଂସା ମିଳିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଡିଜିଟାଲ ସଂଯୋଗିକରଣ କ୍ଷେତ୍ରରେ ରହିଥିବା ତାରତମ୍ୟ ଦୂର କରିବାରେ ଜିଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଏହାର ୪ଜି ଡିଜିଟାଲ ଜୀବନରେଖାର ଉପସ୍ଥିତିକୁ ସମଗ୍ର ଦେଶର ଦୁର୍ଗମ ଏବଂ ଆଭ୍ୟନ୍ତରୀଣ ଅଂଚଳଗୁଡିକୁ ଦ୍ରୁତ ସମ୍ପ୍ରସାରିତ କରି ଏପର୍ଯ୍ୟନ୍ତ ଅସଂଯୁକ୍ତ ରହିଯାଇଥିବା ନିୟୁତାଧିକ ନାଗରିକଙ୍କୁ ସଶକ୍ତ କରୁଛି। ଏଥିସହିତ ଗୁଗଲ୍ ଏବଂ ଜିଓ ପକ୍ଷରୁ ମିଳିତ ଭାବରେ ବିକଶିତ ଅତ୍ୟନ୍ତ ସୁଲଭ ଏବଂ ବୈଶିଷ୍ଟ୍ୟରେ ସମୃଦ୍ଧ ସ୍ମାର୍ଟଫୋନ 'ଜିଓଫୋନ ନେକ୍ସଟ' ହଜାର ହଜାର ବ୍ୟବହାରକାରୀଙ୍କୁ ଆନନ୍ଦ ଆଣିଦେଇଛି। ବିଶେଷକରି ଓଡ଼ିଶାର ଆଭ୍ୟନ୍ତରୀଣ ଅଂଚଳରେ ବାସକରୁଥିବା ବୟସ ବର୍ଗ ନିର୍ବିଶେଷରେ ପ୍ରଥମ ଥର ସ୍ମାର୍ଟଫୋନ ବ୍ୟବହାରକାରୀଙ୍କୁ ସୁଲଭ ମୂଲ୍ୟରେ ହାଇ-ଏଣ୍ଡ ସ୍ମାର୍ଟଫୋନ ବ୍ୟବହାର କରିବା ସ୍ୱପ୍ନ ସାକାର କରିବା ଦିଗରେ ସହାୟତା କରୁଛି। ଏହି ପତଳା ସ୍ମାର୍ଟଫୋନ୍ ରେ ହାଇ-ଏଣ୍ଡ୍ ସ୍ମାର୍ଟଫୋନ୍ ଗୁଡିକର ସର୍ବାଧୁନିକ ବୈଶିଷ୍ଟ୍ୟ ସନ୍ନିବେଶିତ ହୋଇଛି ଏବଂ ତାହା ସହିତ ଏହା ଗୁଗଲ୍ ର ସମସ୍ତ ଆପ୍ ଏବଂ ଜିଓର ପ୍ରିମିୟମ୍ ଆପ୍ଲିକେସନସମୂହର ସମ୍ମିଳିତ ଶକ୍ତି ସହିତ ଆସୁଛି, ଯେଉଁଥିରେ ଉଚ୍ଚ କ୍ଷମତା ସଂପନ୍ନ ପଛ ଓ ସମ୍ମୁଖ ଭାଗ କ୍ୟାମେରା ରହିଛି ଏବଂ ଏହା ଫିଚର୍ ଫୋନ୍ ରୁ ସ୍ମାର୍ଟଫୋନ ଶ୍ରେଣୀକୁ ଉନ୍ନୀତ ହେବାକୁ ଚାହୁଁଥିବା ହଜାର ହଜାର ବ୍ୟବହାରକାରୀଙ୍କ ଚାହିଦା ପୂରଣ କରୁଛି।

## ସଶକ୍ତିକରଣ ନାମରେ ମହିଳାଙ୍କୁ ଶୋଷଣ କରୁଛନ୍ତି ରାଜ୍ୟ ସରକାର: ସୋନାଲୀ ସାହୁ

ଭୁବନେଶ୍ୱର, ୧୧।୪(ପି.ଏନ): ଭାରତୀୟ ଜନତା ପାର୍ଟି ପକ୍ଷରୁ ଦେଶବ୍ୟାପୀ ସାମାଜିକ ନ୍ୟାୟ ସେବା ପକ୍ଷ ପାଳନ ଅବସରରେ ଆଜି ପଂଚମ ଦିନ ଅବସରରେ 'ମହିଳାମାନଙ୍କ ସୁରକ୍ଷା' ସଂପର୍କରେ ଭାରତୀୟ ଜନତା ପାର୍ଟି କାର୍ଯ୍ୟକର୍ତାମାନେ ନିଜ ନିଜ ଅଂଚଳରେ ମା' ଓ ଭଉଣୀମାନଙ୍କ ସହ ଆଲୋଚନା କରି ବାସ୍ତବ ସ୍ଥିତି ପରଖି ଥିଲେ। ରାଜ୍ୟ ସଭାପତି ସମୀର ମହାନ୍ତି ବିଭିନ୍ନ ଅଂଚଳକୁ ଯାଇ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ଜନମଙ୍ଗଳ କାର୍ଯ୍ୟର ସ୍ଥିତି ପରଖିଛନ୍ତି ।ଆଜି ହେଉଛି ମହାନ କ୍ରାନ୍ତିକାରୀ, ମହାନ ସମାଜସେବକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀରେ ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କୁ ଶୌଚାଳୟରୁ ସଚିବାଳୟ, ହାଣ୍ଡିଶାଳରୁ ସଂସଦ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ସମ୍ମାନ ଓ ଅଧିକାର ଦେଇଆସିଛନ୍ତି। ଏହି ପରିକ୍ରମରେ ପ୍ରଧାନମନ୍ତ୍ରୀ ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରୁଥିବାବେଳେ ୨୩ବର୍ଷ ଧରି ନିରଙ୍କୁଶ ଭାବରେ ଶାସନ କରିଆସୁଥିବା ବିଜୁ ଜନତା ଦଳ ମହିଳା ସଶକ୍ତିକରଣ ନାଁରେ ମହିଳା ଶୋଷଣ ନୀତି ଆପଣାଇଛି। କେନ୍ଦ୍ର ସରକାର ମହିଳାଙ୍କ ପାଇଁ ସାରା ଭାରତରେ ୧୦କୋଟି ୯୫ଲକ୍ଷ ଶୌଚାଳୟ କରିଥିବାବେଳେ କେନ୍ଦ୍ରରୁ ଶୌଚାଳୟ ପାଇଁ ଆସିଥିବା ୭୦୦କୋଟି ଟଙ୍କାର ଦୁର୍ନୀତି ହୋଇଛି। ରାଜ୍ୟରେ ୧୦୦ଜଣ ପରିବାରରୁ ୬୫ଜଣ ପରିବାରଙ୍କ ଘରେ ଶୌଚାଳୟ ନାହିଁ। ସେହିପରି ସାରା ଭାରତ ବର୍ଷରେ ୧୦କୋଟି ପରିବାର ଉଜ୍ଜ୍ୱଳା ଯୋଜନା ଲାଭ ପାଉଛନ୍ତି । କିନ୍ତୁ ଓଡିଶାରେ କାହିଁକି ଓଡ଼ିଶାରେ ରାଜ୍ୟ ସରକାରଙ୍କର ଦୃଢ ଇଚ୍ଛାଶକ୍ତି ଅଭାବରୁ କେନ୍ଦ୍ରୀୟ ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ ବୋଲି ରାଜ୍ୟ ମୁଖପାତ୍ର ଶ୍ରୀମତୀ ସୋନାଲୀ ସାହୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି। ଶିକ୍ଷା କ୍ଷେତ୍ରରେ ଓଡ଼ିଶା ସର୍ବଭାରତୀୟସ୍ତରରେ ୧୩ତମ ସ୍ଥାନରେ ରହିବା ଶିକ୍ଷାର ଅବ୍ୟବସ୍ଥାକୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ରାଜ୍ୟରେ ୩୭୦ଟି ପଂଚାୟତରେ ହାଇସ୍କୁଲ ନଥିବାବେଳେ ୪୦୦ବାଳିକା ବିଦ୍ୟାଳୟରେ ଶୌଚାଳୟକୁ ପାଣିର ସଂଯୋଗୀକରଣ କରାଯାଇନାହିଁ। ରାଜ୍ୟରେ ମହିଳାଙ୍କ ସ୍ୱାକ୍ଷରତା ହାର ୬୪.୦୧%। କେନ୍ଦ୍ର ସରକାର ଛାତ୍ରୀମାନଙ୍କ ପାଇଁ ସାନିଟାରି ନାପକିନ ଦେଉଛନ୍ତି କିନ୍ତୁ ତାହା ଛାତ୍ରୀମାନଙ୍କ ପାଖରେ ନପହଂଚି କ୍ଷତଖାଉଛି। ଆଜିବି ରାଜ୍ୟରେ ଗର୍ଭବତୀ ମହିଳା ଅଟୋ ଓ ଖଟ, ଭାରରେ ବୁହାହୋଇ ଯାଉଛନ୍ତି। ରାଜ୍ୟରେ ପ୍ରତ୍ୟେକ ଦିନ ୬ଜଣ ମହିଳା ଧର୍ଷଣ ଶିକାର ହେଉଥିବାବେଳେ ୪ଜଣ ମହିଳା ଅପହରଣ ହେଉଛନ୍ତି। ମହିଳାମାନେ ଆର୍ଥିକ ଦୃଷ୍ଟିରୁ ସଶକ୍ତ ହୋଇଛନ୍ତି ବୋଲି ରାଜ୍ୟ ସରକାର ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ତଥ୍ୟ କହୁଛି ଭାରତରେ ସହରାଚଂଳର ପ୍ରତ୍ୟେକ ୧୦୦୦ ମହିଳାଙ୍କ ୯୯ଜଣ ବେରୋଜଗାର ଥିବାବେଳେ ଓଡ଼ିଶାରେ ସେମାନଙ୍କ ସଂଖ୍ୟା ୨୧୯। ସେହିପରି ଗ୍ରାମୀଣ ମହିଳାଙ୍କ କ୍ଷେତ୍ରରେ ଜାତୀୟ ସ୍ତରରେ ୧୦୦୦ ମହିଳାଙ୍କ ଭିତରୁ ୩୫ଜଣ ବେରୋଜଗାର ଥିବାବେଳେ ଓଡ଼ିଶାରେ ସେମାନଙ୍କ ସଂଖ୍ୟା ୪୨ ।ତେବେ ମହିଳାଙ୍କ ସଶକ୍ତିକରଣ କିପରି ହେଲା ବୋଲି ଶ୍ରୀମତୀ ସାହୁ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର ଏସଏଚଜି ଗ୍ରୁପର ସଦସ୍ୟତା ଆଢୁଆଳରେ ମହିଳାମାନଙ୍କୁ ବିଜୁ ଜନତା ଦଳର କାର୍ଯ୍ୟକର୍ତାଭାବରେ ବ୍ୟବହାର କରାଯାଉଛି। ଝାଡପଡ଼ା ଅଂଚଳରେ ଦୋକାନ କରି ଆର୍ଥିକ ଦୃଷ୍ଟିରୁ ସଶକ୍ତ ହୋଇଥିବା ମହିଳାଙ୍କ ଦୋକାନ କାହିଁକି ଭାଙ୍ଗିଲେ ଓ ଜଣେ ରାଜନୀତିରେ ସଶକ୍ତ ଥିବା ମହିଳାଙ୍କୁ ବନ୍ଧୁକମାରିବା, ପରେ ଘରକୁ ବୋମା ମାଡ କରିବା ରାଜ୍ୟ ସରକାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସୁରକ୍ଷା ଦେଇ ପାରୁନଥିବା ଅପାରଗ ରାଜ୍ୟ ସରକାର ମହିଳା ସଶକ୍ତିକରଣ ଉପରେ ଭାଷଣ ଦେବା ହାସ୍ୟାସ୍ପଦ ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କରିଛନ୍ତି।








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଘଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣମାକୁ ପଣ୍ଡୁ ପୂର୍ଣ୍ଣମା ମଧ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣମାର ନାଁ ପଣ୍ଡୁ ପୂର୍ଣ୍ଣମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା' ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି। ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣ। ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି। ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି। ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି। ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି। ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି। ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି। କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି। ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି। ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ। ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି। ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ

## ସାନିଟେସନ୍ ଚାମ୍ପିଆନ୍ ମୌଦ୍ରିତା

ଜାମସେଦପୁର ଯେଉଁ ବୟସରେ ଶିଶୁମାନେ ନିଜ ପକେଟ ମନିକୁ ଆଇସ୍କ୍ରିମ୍, ଭଲ ପୋଷାକ, ମନ ପସନ୍ଦର ଖେଳଣା କିଣିବାରେ ଖର୍ଚ୍ଚ କରନ୍ତି ସେହି ବୟସରେ ଯଦି ଜଣେ ଶିଶୁ ନିଜ ସଞ୍ଚିତ ଅର୍ଥକୁ ଶୌଚାଳୟ ତିଆରି ବାବଦରେ ଖର୍ଚ୍ଚ କରେ ତେବେ ନିଶ୍ଚିତ ଏହି ପଦକ୍ଷେପକୁ ପ୍ରଶଂସା କରିବେ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଜାମସେଦପୁରରେ। ହିଲ୍ଟପ୍ ସ୍କୁଲରେ ୬ଷ୍ଠ ଶ୍ରେଣୀରେ ପଢୁଥିବା ମୌଦ୍ରିତା ଚାଟାର୍ଜୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛତା ଅଭିଯାନରେ ପ୍ରେରିତ ହୋଇ ଶୌଚାଳୟ ନିର୍ମାଣ ପାଇଁ ନିଜ ସଂଚିତ ଅର୍ଥ ପ୍ରଦାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ନିଜ ଅର୍ଥରେ ଦୁଇଟି ଶୌଚାଳୟ ନିର୍ମାଣ କରିସାରିଲେଣି। ମୌଦ୍ରିତାଙ୍କ ଏହି ଉଦ୍ୟମକୁ ସମସ୍ତେ ପ୍ରଶଂସା କରିବା ସହ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ରଘୁବର ଦାସ ମଧ୍ୟ ମୌଦ୍ରିତାଙ୍କୁ ସମ୍ମାନୀତ କରିଛନ୍ତି। ତାଙ୍କୁ ସାନିଟେସନ୍ ଚମ୍ପିଆନ୍ ଆଖ୍ୟା ପ୍ରଦାନ କରାଯାଇଛି। ମୌଦ୍ରିତା କହିଛନ୍ତି ଯେ ଆଗାମୀ ଦିନରେ ମଧ୍ୟ ମୁଁ ମୋର ସଂଚିତ ଅର୍ଥକୁ ସ୍ୱଚ୍ଛତା ଅଭିଯାନ ବାବଦରେ ଖର୍ଚ୍ଚ କରିବି।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଏପ୍ରିଲ ୧୨

# ମାନବିକ ମୂଲ୍ୟବୋଧ/ଜ୍ଞାନ



ନିର୍ଭିକ, ନିରାଶ୍ରିତ, ସ୍ୱୟଂସିଦ୍ଧତା ମାନବିକ ଜ୍ଞାନର ଶୀର୍ଷ କ୍ଷେତ୍ର । ମଣିଷର ସାମାଜିକ ନିୟାମକଗୁଡିକ କେବଳ ମାନବିକ ଚରିତ୍ର ଉପରେ ଆଧାରିତ । ମାନବିକ ମୂଲ୍ୟବୋଧତା ତଥା ଜ୍ଞାନରହିତ ମଣିଷମାନଙ୍କ ପାଇଁ ନିର୍ଦ୍ଧାରିତ ନିୟମଗୁଡିଏ ସାମାଜିକ କ୍ଷେତ୍ରରେ ଲିପିବଦ୍ଧ କରାଯାଇ ସାମାଜିକ ପରିଚାଳନା ବ୍ୟବସ୍ଥା କରାଯାଇଥାଏ । ସଭ୍ୟ ସମାଜର ପ୍ରତ୍ୟେକ ମଣିଷ ଯଦି ଉପଯୁକ୍ତ ମାନବୀୟ ଚେତନାରେ ଅଭିଷିକ୍ତ ହୁଅନ୍ତେ ତା'ହେଲେ କୌଣସି ଆଇନ, କାନୁନର ଆବଶ୍ୟକତା ରହିବ ନାହିଁ । ସମସ୍ତେ ନିଜେ ନିଜେ ସାତର୍କିତ ମାନବୀୟ ଭାବଧାରା ପ୍ରବାହ ପୂର୍ବକ ଏକ ସମୁଚିତ ସଭ୍ୟ ସମାଜ ଗଠନ କରିବା ସମ୍ଭବ ହୋଇ ପାରିଥା'ନ୍ତା । କିନ୍ତୁ ଯେହେତୁ ସବୁ ବର୍ଗର ମଣିଷଗୁଡିକ ମାନବୀୟ ଚେତନାର ଜ୍ଞାନ ପାଇପାରୁନାହାନ୍ତି ତଥା ମାନବୀୟ ଜ୍ଞାନ କ'ଣ ଜାଣନ୍ତି ନାହିଁ ତେଣୁ ସମାଜରେ ବିଭିନ୍ନ ଆଇନ, କାନୁନ ମାଧ୍ୟମରେ ସେମାନଙ୍କ ଗତିବିଧିକୁ ପରିଚାଳିତ କରାଇବା ବ୍ୟବସ୍ଥା ରହିଛି । ମାନବୀୟ ଚିନ୍ତାଧାରା, ଜ୍ଞାନ ଶିକ୍ଷା ଦେଇ ସମସ୍ତ ମଣିଷଙ୍କୁ ସମାନ୍ତରାଳ କରିବା ଲକ୍ଷ୍ୟ ରହିଥାଏ ଏକ ସଭ୍ୟ ସମାଜର ।

ଇତିମଧ୍ୟରେ ବ୍ୟବସ୍ଥା ସହିତ ଅନେକ ସ୍ୱେଚ୍ଛାସେବୀ ମଧ୍ୟ ବ୍ୟକ୍ତିଗତ, ସାଙ୍ଗଠନିକ ଉପାୟରେ ସମାଜରେ ମାନବିକ ଚେତନା ପ୍ରସାର କରିବା ଲକ୍ଷ୍ୟ ରଖି କାର୍ଯ୍ୟରତ ରହିଥିବା ଆମେ ଜାଣୁ । କିନ୍ତୁ ସେମାନଙ୍କ ନିଷ୍କପଟ ସ୍ୱଚ୍ଛଳତା ସମ୍ପର୍କରେ କୌଣସି ନିଶ୍ଚିତତା ନଥିବା ବେଳେ ଅନେକ କ୍ଷେତ୍ରରେ ସେମାନେ ସ୍ୱାର୍ଥଜଡିତ କାର୍ଯ୍ୟ କରୁଥିବା ମଧ୍ୟ ଅଛପା ନାହିଁ କାହାକୁ । ଧର୍ମ ଗୁରୁ, ପଥ ପ୍ରଦର୍ଶକ ଭଳି ଅଭିନୟ କରୁଥିବା ଅନେକ କେଳେଙ୍କାରୀ ମଣିଷଙ୍କ ପ୍ରକୃତ ଭାବ ପଦାରେ ପଡି ଆଇନସମ୍ମତ ଦଣ୍ଡ ବିଧାନର ଉଦାହରଣ ଦେଖିବାକୁ ମିଳିଛି ନିକଟ ଅତୀତରେ । ଅର୍ଥାତ ସାଧାରଣ ନିର୍ବୋଧଙ୍କୁ ବିଭିନ୍ନ ଉପାୟରେ ଅଲୌକିକ କ୍ରିୟା ମାଧ୍ୟମରେ ପ୍ରତାରିତ କରୁଥିବା ମଣିଷଗୁଡିଏ ମଧ୍ୟ ଦେଖିବାକୁ ମିଳନ୍ତି ଆମ ସମାଜରେ ଯାହାଙ୍କୁ ଲୋକେ ଅନ୍ଧ ଭଳି ସମାଜ ସଂସ୍କାରକ ଭାବେ ବିବେଚନା କରିଥା'ନ୍ତି ଅଥବା ସେମାନଙ୍କଠାରୁ ମାନବୀୟ ବିଚାରଧାରା ଶିକ୍ଷା କରିବା ଲକ୍ଷ୍ୟ ରଖିଥା'ନ୍ତି । ତେଣୁ ଅନେକ କ୍ଷେତ୍ରରେ ସଂଖ୍ୟାଗରିଷ୍ଠ ମଣିଷ ମାନବୀୟ ଚେତନାର ମୂଲ୍ୟବୋଧତା ତଥା ଜ୍ଞାନ ଆହରଣ କରିବାରୁ ବଂଚିତ ରହି ଅମାନବୀୟ ଜୀବନଯାପନ କରୁଥିବା ଦେଖିବାକୁ ମିଳୁଛି ବିଶ୍ୱବ୍ୟାପୀ ।

ମାନବୀୟ ମୂଲ୍ୟବୋଧ କରି ସେହି ଚେତନା ଜ୍ଞାନକୁ ଆହରଣ କରିବା ଅତ୍ୟନ୍ତ ଜଟିଳ ବିଷୟ ଯାହା ଆମ ଦେଶ ପୂର୍ବଜଙ୍କ ଦ୍ୱାରା କେତେକ ମାତ୍ରାରେ ଉନ୍ନୀତ କରାଯାଇଥିଲା । କିନ୍ତୁ ପ୍ରଥମେ ମୋଗଲ ଏବଂ ତା'ପରେ ଇଂରେଜମାନଙ୍କ ଆଗମନ ପରବର୍ତ୍ତୀ ଅଦ୍ୟାବଧି ଆଉ ଭାରତୀୟ ଭାବଧାରାସମ୍ପନ୍ନ ମାନବୀୟ ଚେତନା ଜ୍ଞାନ କାହା ପାଖରେ ଦେଖିବାକୁ ମିଳୁନାହିଁ । କାରଣ ଇଂରେଜମାନେ ଆମକୁ ଯେଉଁ ପାଶ୍ଚାତ୍ୟ ନୀତି, ନିୟମ, ଆଇନ, କାନୁନ ଇତ୍ୟାଦି ଶିକ୍ଷା ଦେଲେ ଏବଂ ପରବର୍ତ୍ତୀ ସମୟରେ ସେହି ନୀତିଗୁଡିକୁ ଆଦରି ନେଇ ଗଠିତ ହେଲା ଭାରତୀୟ ସମ୍ବିଧାନ ସେଇଥିରେ ଆଉ ଭାରତୀୟ ଚେତନା ପରିବର୍ତ୍ତେ କେବଳ ହିଂସାତ୍ମକ ଭାବ ହିଁ ଦେଖିବାକୁ ମିଳିଲା । ସମସ୍ତେ ସମସ୍ତଙ୍କ ପ୍ରତି ଦ୍ୱେଷ, କ୍ରୋଧ, ତଥା ପରଶ୍ରୀକାତର ମନୋଭାବ ପୋଷଣ କରି କେବଳ ନିଜକୁ ଶୀର୍ଷ ସ୍ଥାନିତ କରିବାରେ ବ୍ୟସ୍ତ ଯାହା ଅତ୍ୟନ୍ତ ଅମାନବୀୟ ଚରିତ୍ର । ସଂସ୍କାର ଆଉ ନାହିଁ ! ଭାଇଚାରା କହିଲେ ହାସ୍ୟାସ୍ପଦ ଲାଗୁଛି ! ବ୍ୟକ୍ତିକୈନ୍ଦ୍ରିକ ସ୍ୱାର୍ଥାନ୍ୱେଷୀ, ମିଥ୍ୟାବାଦୀ, ମିଥ୍ୟାଚାରୀ ଏକ ଦୁର୍ବଳ ମାନବ ସମାଜରେ ବଂଚିବାକୁ ପଡୁଛି ଆମକୁ । ଏମିତିକି ସବୁ ମଣିଷଗୁଡିକ ସେହି ଅନୈତିକ କାର୍ଯ୍ୟ କରିବାରେ ନିଗୂଢ଼ ନିପୁଣ ରହିଛନ୍ତି ଯେ ସେହି ଅନୀତିଗୁଡିକ ନୀତିରେ ପରିବର୍ତ୍ତିତ ଆଜିର ଏହି ଅମାନବୀୟ ସମାଜର ସଂଜ୍ଞା ମିଳୁନାହିଁ ଆମକୁ । ଏମିତି ଅମାନବୀୟ ଚରିତ୍ର ପ୍ରବାହ ପୂର୍ବକ ବଂଚିବା ଏକ ପଶୁ ସାମ୍ରାଜ୍ୟ ହୋଇପାରେ କିନ୍ତୁ ଏହାକୁ ଏକ ସଭ୍ୟ ମଣିଷ ସମାଜର ଆଖ୍ୟା ଦିଆଯାଇପାରିବ ନାହିଁ । ତଥାପି ଆମର ଅହଂଭାବାପନ୍ନ ବିଚାରଧାରା ହେତୁ ନିଜକୁ ସତେ ଯେମିତି ପରିରାଇଜର ଅବତରିତ ଚେହେରା ଭଳି ପ୍ରଦର୍ଶିତ ନିଜର ଚେହେରାର କୌଣସି ସତ୍ୟତା ନାହିଁ ।

ମାନବୀୟ ଚେତନାର ମୂଲ୍ୟବୋଧ କରିବା ମଣିଷଙ୍କ ସଂଖ୍ୟା ଅତି ନଗଣ୍ୟ । ମାନବିକ ଚେତନା ଜ୍ଞାନ ଆହରଣ କରିବା ଜିଜ୍ଞାସା ରଖିଥିବା ମଣିଷଙ୍କ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ । ଯେଉଁମାନେ ମାନବିକ ଚେତନରେ ଅଭିଷିକ୍ତ ହୋଇ ନିଜ ଜୀବନକୁ ଏକ ଭିନ୍ନ ବାଟରେ ପରିଚାଳିତ କରିବା ପାଇଁ ପ୍ରୟାସରତ ବା କରୁଛନ୍ତି ସେମାନେ କେବଳ ଏହି ଅସଭ୍ୟ ସମାଜଠାରୁ ନିଜକୁ ମାନସିକ ସ୍ତରରେ ଦୂରେଇ ରଖି ବଂଚିବା ଛଡା ଅନ୍ୟ ଉପାୟ ନାହିଁ । ସାଧାରଣ ନିର୍ବୋଧଙ୍କ ସମେତ ବ୍ୟବସ୍ଥାର କୌଣସି ନିଦର୍ଶନ ନାହିଁ ସମାଜରେ ମାନବିକ ଚେତନା ଜ୍ଞାନ ବିତରଣ କରିବା, ଶିକ୍ଷା ଲାଭ କରିବା ପାଇଁ । ପ୍ରାତଃରୁ ରାତ୍ରି ପର୍ଯ୍ୟନ୍ତ ସମସ୍ତ ମଣିଷ କେବଳ ଅନୈତିକ ବିଚାର ରଖି ଜୀବନ ବଂଚୁଥିବା ଏବଂ କାହା ପ୍ରତି ଷଡଯନ୍ତ୍ର ଭାବ ରଖି କେବଳ ନିଜସ୍ୱ ସ୍ୱାର୍ଥାନ୍ଧ ଭଳି କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି ସର୍ବତ୍ର । ଏହା କେବଳ ଉଚ୍ଚ ସ୍ତରରୁ ଆରମ୍ଭ ହୋଇ ସମାଜର ନିମ୍ନ ସ୍ତରରେ ରହିଥିବା ଅଜ୍ଞାନ ନିର୍ବୋଧଙ୍କୁ ଏମିତି ପ୍ରଭାବିତ କରୁଅଛି ଯେ ସମସ୍ତେ ସେହି ପଥର ପଥିକ ଭଳି ଜୀବନ ବିତାଉଛନ୍ତି । ମାନବିକ ଚେତନା ଜ୍ଞାନର ମୂଲ୍ୟବୋଧତା ଉପରେ କାହାର ଆଗ୍ରହ ନାହିଁ । ମାନବିକ ବିଚାରଧାରା ସୃଷ୍ଟି କରାଯିବା ଲକ୍ଷ୍ୟ କାହାର ନାହିଁ । ତେଣୁ ଧୀରେ ଧୀରେ ଆମ ସମାଜ ଅତ୍ୟନ୍ତ ନିମ୍ନଗାମୀ ହେଉଥିଲେ ମଧ୍ୟ କ୍ରୁର ଚକ୍ରାନ୍ତକାରୀ ଅମାନବୀୟ ମଣିଷଗୁଡିକ ବିଭିନ୍ନ ମିଥ୍ୟା, ଅପ୍ରାକୃତିକ ଶୈଳୀରେ ସାଧାରଣ ମଣିଷକୁ ଭୁଆଁ ବୁଲାଇ ସାମାଜିକ ଉନ୍ନତିର ପଥପ୍ରଦର୍ଶକ ଭଳି ଅଭିନୟ କରୁଥିବା ଏବଂ ନିର୍ବୋଧ ସେଗୁଡିକୁ ଆନନ୍ଦରେ ଗ୍ରହଣ କରୁଥିବା ଅତ୍ୟନ୍ତ ଦୁଃଖଦ ପରିସ୍ଥିତି ଦେଖିବାକୁ ମିଳୁଛି ଦେଶବ୍ୟାପୀ ।

ମାନବୀୟ ଚିଂତନରେ ପ୍ରେମ, ସଦ୍ଭାବ, ପରୋପକାର, ନିଃସ୍ୱାର୍ଥ ସହଯୋଗ, ସାମାଜିକ ଉତ୍ତରୋତ୍ତର ଉନ୍ନତି ଦିଗରେ ନିଜକୁ ବ୍ରତୀ କରିବା ସହିତ ସମସ୍ତଙ୍କ ପ୍ରତି ସମାନ ସମ୍ମାନ ପ୍ରଦର୍ଶନ କରିବା ଜଡିତ ରହିଥାଏ । ନିଜକୁ ସନ୍ତୁଳିତ କରି ରଖି ଅନ୍ୟର କ୍ଷତି କରିବା ପାଇଁ କୌଣସି ଦିଗରେ ମନ ବଳେନାହିଁ । କାହାପ୍ରତି ନିଜର ସହାୟତା ଭାବ ଜାଗ୍ରତ କରି ପରୋପକାରରେ ନିଜକୁ ବ୍ରତୀ କଲେ ଯେଉଁ ଆତ୍ମସନ୍ତୋଷ ପ୍ରାପ୍ତ ହୁଏ ତାହାର କଳନା ନାହିଁ । ଏହିଭଳି ଅସଂଖ୍ୟ ଚରିତ୍ର ପ୍ରବାହ ପୂର୍ବକ ପାରିବାରିକ, ସାମାଜିକ ତଥା ରାଷ୍ଟ୍ର ହିତରେ ନିଜକୁ ନିୟୋଜିତ କରି ଏକ ଆନନ୍ଦମୟ ଜୀବନକୁ ମାନବୀୟ ଚେତନା ଜଡିତ ମଣିଷ ବୋଲି କୁହାଯାଏ । କିନ୍ତୁ ଏସବୁର ବିପରୀତେ କାର୍ଯ୍ୟକ୍ଷମ ମଣିଷଗୁଡିକ ନିଶ୍ଚିତ ଅମାନବୀୟତାର ଚରମ ଶୀର୍ଷରେ ରହିଥା'ନ୍ତି, ଯାହା ଆଜି ସମୟର ଏକ ଗମ୍ଭୀର ବିଷୟ ଦେଖିବାକୁ ମିଳୁଛି ଆମ ଦେଶରେ । ସମସ୍ତେ ବାହ୍ୟରେ ପ୍ରକାଶ ନକଲେ ମଧ୍ୟ ନିଜକୁ ନିଜେ ପଚାରି ଦେଖନ୍ତୁ ସେମାନଙ୍କ ବ୍ୟକ୍ତିଗତ ବିଚାରଧାରା କ'ଣ ? ନିଶ୍ଚିତ କିଛିନା କିଛି ଅମାନବୀୟ ଚେତନାର ଉତ୍ତର ମିଳିବ ସେମାନଙ୍କ ପାଖରେ ଯାହା ସମାଜକୁ ଅତ୍ୟନ୍ତ ଦୁର୍ବଳ କରିବାରେ ସହଯୋଗ କରୁଛି । ଏକ ଦିଗରେ ଅମାନବୀୟ ଚରିତ୍ର ପ୍ରବାହ କରିବାରେ ଲାଭ ପାଉଥିବା ମଣିଷଙ୍କୁ କେହି ଚିହ୍ନି ପାରୁନଥିବା ବେଳେ ସମସ୍ତେ ନିଜକୁ ନିଜେ ତଥା ଅନ୍ୟକୁ ଠକି ଯେଉଁ ସ୍ୱାର୍ଥ ହାସଲ କରିଥା'ନ୍ତି ସେହି ଫଳ, ମଝିରେ ରହିଥିବା ମାଙ୍କଡ଼ କେମିତି ଖାଇଦିଏ ତାହାର ତର୍ଜମା, ବିଶ୍ଳେଷଣ ଜ୍ଞାନ ନାହିଁ କାହା ପାଖରେ । ଆଜିର ଉନ୍ନତ ମଣିଷ ସମାଜରେ ଏହି ଅମାନବୀୟ ଚେତନା ଜ୍ଞାନ ପ୍ରସାର କରିବାରେ ସିଦ୍ଧହସ୍ତ କେଳେଙ୍କାରୀ କେଉଁମାନେ ଏବଂ ସମସ୍ତଙ୍କୁ ଏହିଭଳି ଅମାନୁଷିକ ଶିକ୍ଷା ଦେଇ ସେମାନେ କେମିତି ସ୍ୱାର୍ଥ ହାସଲ କରିଥା'ନ୍ତି ବୁଝିବା ମଣିଷ ଶୂନ୍ୟ । ତେଣୁ ନିର୍ବୋଧଙ୍କୁ ଠକି ଯଥେଷ୍ଟ ସ୍ୱାର୍ଥ ହାସଲ କରୁଥିବା କେଳେଙ୍କାରୀଙ୍କ ପ୍ରରୋଚନରୁ ଦୂରେଇ ରହି ନିଜକୁ ସନ୍ତର୍ପଣର ସହିତ ମାନବିକ ଚେତନା ଜ୍ଞାନରେ ଅଭିଷିକ୍ତ କରାଇ ପାରିଲେ ମଣିଷ ଜୀବନର ପ୍ରକୃତ ଆନନ୍ଦ ପାଇପାରିବ ବୋଲି ଆମର ବିଚାର ।

ଉପସ୍ଥିତ କେଳେଙ୍କାରୀ ତଥା ମାୟାବୀ ଚେହେରାଗୁଡିକୁ ବାଜ୍ୟାପ୍ତ କରି ସମାଜରେ ବାସ୍ତବ, ସତ୍ୟବାଦୀଙ୍କୁ ସାମାଜିକ ପରିଚାଳନା ଦାୟିତ୍ୱ ଦିଆଯିବା ସହିତ ପାଶ୍ଚାତ୍ୟର ଅମାନବୀୟ ଚରିତ୍ର ତଥା କୁହେଳିକାଗୁଡିକୁ ସମାଜରୁ ବିଲୁପ୍ତ କରାନଗଲେ ଆମର ଆସନ୍ତା ପିଢ଼ି ମଧ୍ୟ ଏକ ଅମାନବୀୟ ଚରିତ୍ରଯୁକ୍ତ ପଶୁ ଭଳି ଜୀବନ ଅତିବାହିତ କରିବା ସହିତ ସମୟ ପୂର୍ବରୁ ମଣିଷ ସମାଜର ବିଲୁପ୍ତ କରିବାରେ ଯଥେଷ୍ଟ ସହାୟକ ହେବେ । ତେଣୁ ଜ୍ଞାନୀଗଣ ନିଶ୍ଚିନ୍ତ ନରହି ସମାଜରେ ବାସ୍ତବ ମାନବୀୟ ଚେତନା ଜ୍ଞାନ ତଥା ନିର୍ବୋଧଙ୍କୁ ଉପଯୁକ୍ତ ପଥରେ ପରିଚାଳିତ କରିବାର ଉପାୟ ଅବଲମ୍ବନପୂର୍ବକ ମଣିଷ ସମାଜର କାର୍ଯ୍ୟ କଲେ ଆଗକୁ ହୁଏତ ଫଳ ଭଲ ହେବା ସମ୍ଭାବନା ରହିବ । ନଚେତ୍ ଭବିଷ୍ୟ ସମୟଗୁଡିକ ବିପଜ୍ଜନକ ହେବା ସହିତ ହୁଏତ ମଣିଷ ମଣିଷ ମଧ୍ୟରେ କ୍ଷେତ୍ର ଯୁଦ୍ଧ ହୋଇ ଜୀବନ ବିପନ୍ନ ହେବାରେ ମଣିଷ ସମାଜ ବିଲୁପ୍ତ ହୋଇଯିବ ସେଇଥିରେ ତିଳେ ହେଲେ ଦ୍ୱିଧା ନାହିଁ ବୋଲି ଆମ ବିଚାରରେ ଆପଣଙ୍କ ଅନୁଭୂତି କ'ଣ... ? ?

**ପଙ୍କଜ କୁମାର ପାଣିଗ୍ରାହୀ,** ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଞ୍ଜାମ, ଦୂରଭାଷ: ୯୪୩୭୩୨୪୯୧୭

# ତ୍ୟାଗ ଓ ଧର୍ମରକ୍ଷାର ଆଦର୍ଶାବତାର ଶ୍ରୀରାମ

ଉମାଶଙ୍କର ପ୍ରସାଦ



ଆଧ୍ୟାତ୍ମିକ ଜ୍ଞାନର ଗନ୍ତାଘର ଭାବେ ଭାରତ ଭୂମିକୁ ସମଗ୍ର ବିଶ୍ୱ ମାନୁଅଛି । ଏହି ଭାରତକୁ ଯଦି ବିଶ୍ୱର ବୀଜପୁଂଜ କୁହାଯାଏ, ତେବେ କୌଣସି ଭୁଲ୍ ହେବ ନାହିଁ । କାରଣ ସମସ୍ତ ସଭ୍ୟତା, ସଂସ୍କୃତି, ଭାବ, ଭାଷା, ବ୍ୟବହାର, ରିତ୍ ରିବାଜ, ଚଳିଚଳଣ ଭାରତରେ ପୂର୍ଣ୍ଣ ସୌନ୍ଦର୍ଯ୍ୟତାର ସହ ପ୍ରସ୍ଫୁଟିତ ଓ ପଲ୍ଲବିତ ହୋଇଥାଏ । ତେଣୁ ଭାରତବର୍ଷ ମାତ୍ର ଏକ ଭୂଖଣ୍ଡ ନୁହେଁ ପରନ୍ତୁ ଏହା ବୈଷୟିକ ଚେତନାର ଭାବଖଣ୍ଡ ମଧ୍ୟ ଅଟେ । ସନାତନ ଧର୍ମର ଉଦ୍‌ଘୋଷକମାନେ ଏହି ପବିତ୍ର ଭାରତଭୂମିରେ ଶୈବ, ବୈଷ୍ଣବ ଓ ଶାକ୍ତ ଇତ୍ୟାଦି ମାର୍ଗର ମାର୍ଗଦର୍ଶନ କରିଥାନ୍ତି । ଏହି ପବିତ୍ର ଭାରତଭୂଖଣ୍ଡରେ ହରଙ୍କ ନିର୍ମାଣ, ହରିଙ୍କ କଥା ଓ ଶକ୍ତିର ସାଧନାକୁ ଗୋଟିଏ ଯଜ୍ଞରେ ସମାହିତ କରି ସନାତନ ଧର୍ମର ବିଭିନ୍ନ ଧାରାର ଅମୃତ ଯୋଗର ଅନୁପମ ଉଦାହରଣ ପ୍ରସ୍ତୁତ ହୋଇଅଛି । ଏହି ପବିତ୍ର ଭାରତଭୂମିରେ ଜନ୍ମଲାଭ କରିଥିବା ପ୍ରତ୍ୟେକ ବ୍ୟକ୍ତିର କର୍ଣ୍ଣ, କାନ, ନେତ୍ର ଓ ମନ ଶ୍ରୀରାମଙ୍କ ଜୀବନାଚରିତ ସହିତ ଭଲଭାବେ ପରିଚିତ । କାରଣ 'ରାମାୟଣ' ଓ 'ରାମଚରିତ ମାନସ' ଭଳି କାଳଜୟୀ ଗ୍ରନ୍ଥର ପଠନ-ପାଠନ-ଶ୍ରବଣ ଦ୍ୱାରା ଶ୍ରୀରାମ ଆମର ଚିତ, ଚରିତ୍ର, ଚିନ୍ତନର ଅବିଚ୍ଛେଦ୍ୟ ଅଙ୍ଗଭାବେ ପରିଚିତ । ଏ ପୃଥିବୀର ହଜାର ହଜାର ବର୍ଷ ଧରି ମନୁଷ୍ୟ ନିଜର ଜୀବନକୁ ସୂଚାରୁରୂପେ ସଞ୍ଚାଳିତ କରିବା ପାଇଁ ବିଭିନ୍ନ ଶାସନ ବ୍ୟବସ୍ଥାର ନିର୍ମାଣ କରିଛି । ଏହି ସମଗ୍ର ବିଶ୍ୱରେ ସେହି ପରମଚେତନା 'ରାମ' ଜଗତର ଉତ୍‌ଥାନ ଓ କଲ୍ୟାଣ ପାଇଁ ମନୁଷ୍ୟ ରୂପରେ ଜନ୍ମ ନେଇଥାନ୍ତି । ଏ ସଂସାରରେ କେତେ ସଭ୍ୟତାର ଉତ୍‌ଥାନ, ପତନ ଘଟିଚାଲିଛି, କେତେ ପ୍ରକାରର ଶାସନ, ପ୍ରଶାସନ ପ୍ରଣାଳୀ ତିଆରି ହେଉଛି ଓ ପରିସମାପ୍ତି ମଧ୍ୟ ଘଟୁଛି । ଏ ସମସ୍ତ ସ୍ମୃତି କାଳର ଅନନ୍ତ ଗର୍ଭରେ ଲୀନ ମଧ୍ୟ ହୋଇଯାଉଛି । କିନ୍ତୁ ରାମରାଜ୍ୟରୂପୀ ବ୍ୟବସ୍ଥା ଯାହା ମର୍ଯ୍ୟାଦାପୁରୁଷୋତମ ଶ୍ରୀରାମଙ୍କଦ୍ୱାରା ସ୍ଥାପିତ କରାଯାଇଛି, ତାହା ଆଜି ମଧ୍ୟ ଏକ ଆଦର୍ଶ ବ୍ୟବସ୍ଥାଭାବେ ଆମମାନଙ୍କର ଭାବଭୂମିରେ ବର୍ତମାନ ମଧ୍ୟ ବଂଚିରହିଛି । ଆଜି ଜନତାଠାରୁ ନେତା ପର୍ଯ୍ୟନ୍ତ ସମସ୍ତେ ଯେତେବେଳେ ଏକ ବ୍ୟବସ୍ଥିତ, କଲ୍ୟାଣକାରୀ ବ୍ୟବସ୍ଥାର କଳ୍ପନା କରିଥାଉ, ତେବେ ପ୍ରଥମ ଥର ଆମର ମାନସ ପଟ୍ଟରେ ରାମରାଜ୍ୟର ପରିକଳ୍ପନା ଉଙ୍କି ମାରିଥାଏ । ତେଣୁ ରାମରାଜ୍ୟର ପରିକଳ୍ପନା କରିବାକୁ ଯାଇ ଗୋସ୍ୱାମୀ ରାମରାଜ୍ୟ ସମ୍ବନ୍ଧରେ ଲେଖିଛନ୍ତି 'ଦୈହିକ, ଜୈବିକ, ଭୌତିକ ତାପା, ରାମରାଜ ନାହିଁ କାହୁହି ବ୍ୟାପା; ସବନର କରଇ ପରସ୍ପର ପ୍ରୀତି, ଚଲହିଁ ସ୍ୱଧର୍ମ ନିରତ ସ୍ମୃତିନୀତି ।" ରାମ ରାଜ୍ୟରେ ଦୈହିକ, ଦୈବିକ ଓ ଭୌତିକ ଏହି ତ୍ରିତାପ ଦେଖାଯାଏ ନାହିଁ । ଯଦିଓ ଏହା ଅବଶ୍ୟମ୍ଭାବୀ ତଥାପି ଏହାର ଦୁଷ୍ପ୍ରଭାବରୁ ମନୁଷ୍ୟମାନେ ମୁକ୍ତ ରହନ୍ତି । ପ୍ରତ୍ୟେକ ମନୁଷ୍ୟ ପରସ୍ପରକୁ ପ୍ରେମ କରିଥାନ୍ତି ଏବଂ ବେଦର ଉପଦେଶମାନ ନିଜର ଜୀବନ ପରିଚାଳିତ କରିଥାନ୍ତି ।

ଯିଏ ଭାବରେ ଭରପୁର ରତ-ସେ ଭରତ । ରାମରାଜ୍ୟରେ ମା'ର ଆଜ୍ଞା ସର୍ବୋପରି । ଉଚିତ ଅନୁଚିତ ବିଚାର କରିବା ମା'ର ହୋଇଥାଏ । ମା'ର ସଙ୍କଳ୍ପ ଇଚ୍ଛା ଆଦେଶକୁ ପୂର୍ଣ୍ଣ କରିବା ସନ୍ତାନର କର୍ତବ୍ୟ । ମା' ସନ୍ତାନର ପ୍ରଥମ ଗୁରୁ । ଯାହା ଆଜିର ସମାଜରେ ଅଭାବ । ମା' ସନ୍ତାନର ପ୍ରଥମ ଗୁରୁ ହୋଇଥିବା ଯୋଗୁଁ ମାତାର ବତାଇବା ମାର୍ଗକୁ ତଥା ଆଦେଶକୁ ପାଳନ କରିବା ସନ୍ତାନରୂପୀ ଶିଷ୍ୟର ପ୍ରଥମ କର୍ତବ୍ୟ । ମାତା କୈକେୟୀ ପୁତ୍ରମାନଙ୍କୁ ଶର ସନ୍ଧାନର ଶିକ୍ଷା ଦେଉଥିବା ସମୟରେ ଭରତ ଏକ ଖେଳନା କପୋତକୁ ଦେଖି ମାତାଙ୍କ ଆଦେଶ ଉଲ୍ଲଂଘନ କରିଥିବା ଯୋଗୁ କ୍ଷମା ମାଗିଥିଲେ; ମାତ୍ର ମାତାଙ୍କ ଆଦେଶକୁ ସର୍ବୋପରି ମାନି ପ୍ରଭୁ ରାମ ତୁରନ୍ତ କପୋତକୁ ଶରବିଦ୍ଧ କରିଥିଲେ । କୈକେୟୀ କହିଥିଲେ ହେ ପୁତ୍ର ! ମୁଁ ତୁମର ମା' ତୁମକୁ ବାଣର ସନ୍ଧାନ ତଥା ଲକ୍ଷ୍ୟଭେଦ ଶିଖାଉଛି । ମାତ୍ର ବଧ କରିବାର ବିଧାନ ଶିଖାଉନି । ମାତ୍ର ସ୍ମରଣ ରଖିବା କଥା ଯାହା ଆଖିକୁ ଦୃଶ୍ୟମାନ ହୋଇଥାଏ ସେ ସବୁ ବାସ୍ତବିକତା, ଏହା ମଧ୍ୟ ସତ୍ୟ ଯାହା ବାସ୍ତବିକତା ତାହା ଦୃଶ୍ୟମାନ ହୋଇଥାଏ ।

ଅସାରରେ ସାରକୁ ଖୋଜିବା ଏବଂ ସାରରୁ ଅସାରକୁ ଅଲଗା କରିବା ହିଁ ସଂସାର ଅଟେ । ଅସାରରେ ସାରକୁ ଦେଖିବା ପ୍ରେମ ଦୃଷ୍ଟି । ସାରରୁ ଅସାରକୁ ଅଲଗା କରିବା ଜ୍ଞାନଦୃଷ୍ଟି । ହେ ଭରତ ! ତୁମର ପ୍ରେମର ହୃଦୟ ତେଣୁ ତୁମକୁ ମୃଣ୍ମୟ ଚିନ୍ମୟ ଦେଖାଗଲା । ଭ୍ରାତା ରାମର ହୃଦୟ ଜ୍ଞାନର ହୃଦୟ ତେଣୁ ତାଙ୍କୁ ଚିନ୍ମୟରେ ଲୁଚି ରହିଥିବା ମୃଣ୍ମୟ ସ୍ପଷ୍ଟ ଦେଖାଗଲା । ରାମଙ୍କୁ ମାତା କୈକେୟୀ ପଚାରିଥିଲେ ପ୍ରେମ ଓ ଜ୍ଞାନଭିତରେ ଅନ୍ତର କ'ଣ ? ବିନମ୍ର ଭାବରେ ରାମ କହିଥିଲେ ପୁଷ୍ପ କଢ଼ ଭିତରେ ଥିବା ଅନ୍ତର । ଅବିକଶିତ ଜ୍ଞାନ ପ୍ରେମ ସଦୃଶ, ପୂର୍ଣ୍ଣ ବିକଶିତ ପ୍ରେମ ଜ୍ଞାନ ସଦୃଶ । ଆଜିର ସମାଜରେ ସନ୍ତାନ ନଷ୍ଟ ହେବାର ପ୍ରଥମ କାରଣ ତା'ର ମା'ର ଶିକ୍ଷା, ଯାହା ନ କହିବା ଭଲ । ଧାରଣ, କାରଣ ଓ ତାରଣ ମା'ର ହୋଇଥାଏ । ଆଜି ସମାଜରେ ପ୍ରଥମଟିକୁ ଛାଡିଦେଲେ ଆଉ ଅନ୍ୟ ଦୁଇଟି ଗୁଣ ମାତା ପାଖରେ ଦେଖିବାକୁ ମିଳୁନି । ଯେଉଁ ମାତା ପାଖରେ ଏ ତିନୋଟି ଗୁଣ ପରିସ୍ଫୁଟ ତା'ର ସନ୍ତାନ ଯୋଗ୍ୟ ହୋଇ ସମାଜର, ଦେଶର ଅନେକ କଲ୍ୟାଣ ସାଧିତ କରିଥାଏ ।

ରାମରାଜ୍ୟରେ ଧର୍ମର ଚାରିଚରଣ ଯାହା ସତ୍ୟ, ଶୌଚ, ଦୟା ଓ ଦାନ । ଯାହା ଶରୀର ଓ ମନର ବାହ୍ୟ ଓ ଅନ୍ତରର ପବିତ୍ରତାରେ ଥାଏ । ରାମରାଜ୍ୟରେ ସ୍ୱପ୍ନରେ ସୁଦ୍ଧା ପାପ ହୁଏ ନାହିଁ । ସ୍ତ୍ରୀ ଓ ପୁରୁଷ ସମସ୍ତେ ରାମଭକ୍ତିରେ ରତ ହୋଇଥାନ୍ତି । ପ୍ରତ୍ୟେକଙ୍କ ରୋମ ରୋମରେ ରାମ ଭାବ ବିକଶିତ ହୋଇ ସମସ୍ତଙ୍କୁ ପରମଗତି ପ୍ରାପ୍ତି ହୋଇଥାଏ । ରାମ ରାଜ୍ୟରେ କେହି ଦରିଦ୍ର ନା ଦୁଃଖୀ ନା ଦୀନ ହୋଇଥାଏ । ପ୍ରତ୍ୟେକ ମନୁଷ୍ୟ ଅହଙ୍କାରରହିତ ହେବାସହ ଧର୍ମପରାୟଣ ଓ ପୂଣ୍ୟାତ୍ମା ହୋଇଥାନ୍ତି । କାହାର ହୃଦୟକୁ କପଟତା, ଧୂର୍ତ୍ତତା ସ୍ପର୍ଶ କରିପାରେନି । ଏହି ଅନୁପମ କଲ୍ୟାଣକାରୀ ସର୍ବଜନ ହିତାୟ, ସର୍ବଜନ ସୁଖାୟଭଳି ବ୍ୟବସ୍ଥା କୌଣସି ରାଷ୍ଟ୍ରକୁ ମିଳି ନ ଥାଏ । ଯାହା ପୂଣ୍ୟ ଭାରତ ଭୂଖଣ୍ଡରେ ପ୍ରାପ୍ତି ହୋଇଥାଏ । ରାମଙ୍କ ଭଳି ପୁତ୍ର, ମିତ୍ର, ଭ୍ରାତା, ପତି, ପିତା, ସେବକ ଓ ରାମଙ୍କ ଭଳି ରାଜା ଏପରିକି ରାମଙ୍କ ଭଳି ମର୍ଯ୍ୟାଦାସମ୍ପନ୍ନ ଶତ୍ରୁ ମଧ୍ୟ ମିଳିବା ଦୁର୍ଲ୍ଲଭ । ତେଣୁ ଭାରତ ଭୂଖଣ୍ଡର ପ୍ରତ୍ୟେକ ଶାସକ ରାମରାଜ୍ୟ ପ୍ରତିଷ୍ଠା କରିବା ଆଗରୁ ନିଜର ଚିନ୍ତା, ଚୈତନ୍ୟ, ଆଚାର, ବ୍ୟବହାର, ଶୁଚିତା, ଶୁଦ୍ଧତାକୁ ବଢାଇବା ସହ ଅହଙ୍କାରରହିତ ହୋଇ ସର୍ବଜନ ହିତାୟଭାବ ପ୍ରଦର୍ଶନ କରି ରାମଙ୍କ ଭଳି ଆଦର୍ଶ ମର୍ଯ୍ୟାଦାସମ୍ପନ୍ନ ଶାସକ ହୋଇପାରିଲେ ସମାଜରେ ଆପେ ଆପେ ରାମରାଜ୍ୟର ଅମଳିନ ପଦ୍ମ ପ୍ରସ୍ଫୁଟିତ ହେବ, ଏଥିରେ କୌଣସି ସନ୍ଦେହ ନାହିଁ ।

*-ସ୍ତମ୍ଭକାର ଓ ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା, ମୋ. ନଂ-୬୩୭୦୬୭୫୫୬୨*



# ମୋକ୍ଷଦାତା ପ୍ରଭୁ ଶ୍ରୀରାମ



ବ୍ରହ୍ମାଣ୍ଡ ସର୍ଜନା କାଳରେ ଭଗବାନ ବିଷ୍ଣୁ ସୂକ୍ଷ୍ମ ଓ ସ୍ଥୂଳ ରୂପରେ ବହୁ କଷ୍ଟ ସ୍ୱୀକାର କରିଛନ୍ତି । ଦଶ ଅବତାର ବର୍ଣ୍ଣନା ଅନୁସାରେ ବିଷ୍ଣୁଙ୍କର ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ ଅବତାର ବ୍ରହ୍ମାଣ୍ଡ ନିର୍ମାଣ ନିମନ୍ତେ ଉଦ୍ଦିଷ୍ଟ ଥିଲା । ପ୍ରବଳ ପରାକ୍ରମୀ ଦୈତ୍ୟ ହିରଣ୍ୟାକ୍ଷ ହିରଣ୍ୟକଶିପୁ ଦୁଇଭ୍ରାତାଙ୍କ ନିଧନ ନିମନ୍ତେ ବରାହ ଓ ନୃସିଂହ ଅବତାରରେ ଅବତୀର୍ଣ୍ଣ ହୋଇଥିଲେ । ଦୈତ୍ୟରାଜ ବିରୋଚନଙ୍କ ପୁତ୍ର ବଳିଙ୍କର ଦର୍ପଚୂର୍ଣ୍ଣ ନିମନ୍ତେ ପ୍ରଭୁ ବାମନ ରୂପ ଧାରଣ କରିଥିଲେ । ସତର ଲକ୍ଷ ଅଠେଇଶ ହଜାର ଦୈବବର୍ଷ ପରେ ସତ୍ୟଯୁଗ ସମାପ୍ତ ହେଲା । ସତ୍ୟଯୁଗରେ ବିଷ୍ଣୁ ପାଞ୍ଚ ଥର ଅବତାର ଗ୍ରହଣ କରିଥିଲେ । ଯୁଗ ବେଭାର ଅନୁସାରେ ସତ୍ୟଯୁଗ ପରେ ତ୍ରେତୟା ଯୁଗ ଆରମ୍ଭ ହେଲା । ଚତୁଃସ୍ପଦ ଧର୍ମଦେବତା ତ୍ରେତୟାରେ ଏକପାଦ ହରାଇଲେ । କ୍ଷତ୍ରିୟମାନେ ଧର୍ମପଥ ହୁଡ଼ି ପରାକ୍ରମୀ ଦେଖାଇଲେ । ସାଧାରଣ ପ୍ରଜାଙ୍କୁ ଶୋଷଣ କଷଣ ଦେଇ ରାଜା ବୋଲାଇଲେ । ବେଦନୀତିକୁ ଭୃକ୍ଷେପ ନ କରି ନିଜ ଇଚ୍ଛାମତେ ଶାସନ କଲେ । କ୍ଷତ୍ରିୟ ରାଜାମାନଙ୍କର ଦର୍ପଚୂର୍ଣ୍ଣ ନିମନ୍ତେ ବିଷ୍ଣୁ ଭୃଗୁପତି ପର୍ଶୁରାମ ଅବତାର ଧାରଣ କଲେ । କ୍ଷତ୍ରିୟ ରାଜାଙ୍କୁ ନିଧନ କରି ଧରଣୀ ମାତାଙ୍କୁ ଶାନ୍ତ କଲେ । ଏହାର ସହସ୍ର ବର୍ଷ ପରେ ବିଶ୍ରବା ଋଷିଙ୍କ ଔରସରୁ ରାବଣ ଜନ୍ମ ହୋଇଥିଲେ । ରାବଣ ବିଷ୍ଣୁଦ୍ରୋହୀ ଅସୁର ସ୍ୱଭାବର ଥିଲେ । ଶିବ ଓ ବିଷ୍ଣୁଙ୍କୁ ଭିନ୍ନ ଦୃଷ୍ଟିରେ ଦେଖୁଥିଲେ । ସ୍ୱର୍ଗର ଅଧିପତି ହେବା ପାଇଁ ଇନ୍ଦ୍ରାଦି ଦେବଗଣଙ୍କୁ ବାରମ୍ବାର ଆକ୍ରମଣ କରୁଥିଲେ । ଭୟଭୀତ ଦେବଗଣ ବିଷ୍ଣୁଙ୍କୁ ଆର୍ତ୍ତରେ ଡାକିଲେ । ଦେବଙ୍କ ଡାକ ଶ୍ରବଣ କରି ବିଷ୍ଣୁ ଶ୍ରୀରାମ ରୂପ ଧାରଣ କଲେ । ଅଯୋଧ୍ୟାର ରାଜା ଦଶରଥ ଓ କୌଶଲ୍ୟାଙ୍କ ଔରସରୁ ଚୈତ୍ର ମାସ ଶୁକ୍ଳପକ୍ଷ ନବମୀ ତିଥିରେ ପ୍ରକଟ ହେଲେ । ସପ୍ତମ ଅବତାରରେ ବିଷ୍ଣୁଙ୍କର ପୂର୍ଣ୍ଣାଙ୍ଗ ମାନବ ରୂପ ଧନୁର୍ଦ୍ଧର ଶ୍ରୀରାମ ମାନବ ଜାତିର ଚିର ନମସ୍ୟ । ଲୀଳା ଛଳରେ ଦୁଷ୍ଟ ରାବଣ ସହିତେ ଅନୁଗତଙ୍କୁ ନିପାତ କରି ଶ୍ରୀରାମ ପୁନର୍ବାର ଜଗତରେ ଶାନ୍ତି ମୈତ୍ରୀ ଫେରାଇ ଆଣିଲେ । ଜଗତଜନଙ୍କୁ ଅହିଂସା, ସତ୍ୟରକ୍ଷା, ଏକପତ୍ନୀ ବ୍ରତ, ସଂଯମତା ପୁରୁଷାର୍ଥ ଦୀକ୍ଷା ଦେଇ ପୁରୁଷୋତ୍ତମ ଶ୍ରୀରାମ ନାମରେ ଖ୍ୟାତ ହେଲେ । ଏହି କାଳରେ ଶ୍ରୀରାମଙ୍କ କୃପାଲାଭ ପାଇଁ ଚରିତ୍ରମାନଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ପ୍ରତିଯୋଗିତାମୂଳକ ଦୌଡ଼ । ପ୍ରଭୁଙ୍କର ସାନ୍ନିଧ୍ୟ ଲାଭ ନିମନ୍ତେ ଭିନ୍ନ ଭିନ୍ନ ଚରିତ୍ରଙ୍କ ମଧ୍ୟରେ ଯେଉଁ ଭକ୍ତିଗୁଣ ପ୍ରକାଶ ପାଇଥିଲା ତାହା କଳିଯୁଗ ମନୁଷ୍ୟଙ୍କ ଅନୁସରଣୀୟ । ମୋକ୍ଷଦାତା ଶ୍ରୀରାମଙ୍କ କରୁଣା ପ୍ରାପ୍ତି ନିମନ୍ତେ ଜିଦ୍‌ଖୋର ମନୋଭାବ, ସେବା, ପ୍ରତୀକ୍ଷା, ତ୍ୟାଗ, ସମର୍ପଣ, ବିଶ୍ୱାସ, ବ୍ୟାକୁଳତା, ନାମ ଜପ, ଧୈର୍ଯ୍ୟ, ମିତ୍ରତା, ସଦାଚାର ଓ ଆକୁଳ ନିବେଦନର ଆବଶ୍ୟକତା ରହିଛି । ଏହିପରି ଭକ୍ତିର ଆଧାରରେ ଚରିତ୍ରମାନେ ଅନ୍ତିମ ପର୍ଯ୍ୟାୟରେ ପ୍ରଭୁ ଶ୍ରୀରାମଙ୍କ କୃପା ଲାଭ କରିଛନ୍ତି !

ରାବଣ ବିଦ୍ୱାନ ଋଷିପୁତ୍ର ଥିଲେ । ତ୍ରେତୟା ଯୁଗର ବିଷ୍ଣୁପ୍ରେମୀଙ୍କୁ ମୋକ୍ଷ ପ୍ରଦାନ କରିବା, ଅସୁର କୁଳକୁ ସଂହାର କରି ସତ୍ୟର ପୁନଃ ପ୍ରତିଷ୍ଠା ଦିଗରେ ମହାନ୍ ସଙ୍ଗୀତଜ୍ଞ ତଥା ପରମ ଶିବଭକ୍ତ ରାବଣ ବିଷ୍ଣୁଙ୍କର ଅବତରୀ ରୂପ ଦର୍ଶନ ନିମନ୍ତେ ଆହ୍ୱାନ କରିଥିଲେ । ଶ୍ରୀରାମଙ୍କ ଦର୍ଶନ ପାଇଁ ବ୍ୟାକୁଳିତ ରାବଣ ଉଦ୍‌ଭ୍ରାନ୍ତ ଆଚରଣରେ ଶ୍ରୀରାମଙ୍କ ସହିତ ଶତ୍ରୁତା ସୃଷ୍ଟି କଲେ । ଯୁଦ୍ଧରେ ଶ୍ରୀରାମଙ୍କ ଧନୁର୍ବାଣରେ ଧରାଶାୟୀ ହୋଇ ଦିବ୍ୟଦର୍ଶନ ପୂର୍ବକ ମୋକ୍ଷ ପ୍ରାପ୍ତ ହେଲେ । ସେହିପରି ଦସ୍ୟୁ ରତ୍ନାକର ପଥଚାରୀଙ୍କୁ ହତ୍ୟା କରି ଲୁଣ୍ଠନ କରୁଥିଲେ । ନରହତ୍ୟା ପାପ ଭାରାରେ ତାଙ୍କ ଶରୀର ଦିନୁଦିନ ଖୀନ୍ନ ହେଉଥିଲା । ମାତ୍ର ଅନୁତାପ ନ ଥିଲା । ଜଣେ ସାଧୁ ବାଟୋଇ ଚେତାଇ ଦେଲେ । ପାପର ଫଳ ଜନ୍ମ ଜନ୍ମାନ୍ତରେ ଭୋଗ କରିବ । ପାପମୋଚନ ପାଇଁ କେବଳ ରାମ ନାମ ଜପ କର । ଅନୁତାପର ଅଶ୍ରୁ ଢ଼ାଳି ଦସ୍ୟୁ ଏତେ ଦ୍ରୁତ ଗତିରେ ରାମ ନାମ ଜପ କଲେ ଯେ ରାମ ଶବ୍ଦ 'ମରା' ଉଚ୍ଚାରଣ ଶୁଭିଲା । ନାମଜପ ଦ୍ୱାରା ତାଙ୍କର ସମସ୍ତ ପାପମୋଚନ ହୋଇଗଲା । ପରବର୍ତ୍ତୀ କାଳରେ ସେହି ବ୍ୟାକୁଳିତ ଚିତ୍‌ସତ୍ତା ମହର୍ଷି ବାଲ୍ମିକୀ ପାଲଟି ଗଲେ । ଶ୍ରୀରାମଙ୍କ ଦିବ୍ୟ ଚରିତ ବ୍ୟାଖ୍ୟାନ କରି ରାମାୟଣ ଗ୍ରନ୍ଥ ରଚନା କଲେ । ନିନ୍ଦନୀୟ ଦସ୍ୟୁରୁ ମାନବସମାଜର ପୂଜ୍ୟନୀୟ ମହର୍ଷି ହୋଇ ଗଲେ ।

ଭ୍ରାତୃପ୍ରେମରେ ଉଦ୍‌ବୁଦ୍ଧ ଲକ୍ଷ୍ମଣ । ଚଉଦ ବର୍ଷ ବନବାସ କାଳରେ ନିଜ ଜୀବନକୁ ତିଳତିଳ ଦଗ୍ଧ କରି ଭାଇ ଭାଉଜଙ୍କ ସେବାରେ ବ୍ରତୀ ରହିଲେ । ରାଜ ପ୍ରାସାଦ, ସୁନ୍ଦରୀ ପତ୍ନୀ, ଭୋଗ ବିଳାସ, ନିଦ୍ରା, ସ୍ୱାଦିଷ୍ଟ ବ୍ୟଞ୍ଜନ ତ୍ୟାଗ କରି ଶ୍ରୀରାମଙ୍କ ପୟର ସେବାରେ ନିୟୋଜିତ ହେଲେ । ଶ୍ରୀରାମଙ୍କ ନିର୍ଦ୍ଦେଶ ପାଳନ କରିବାରେ ଲକ୍ଷ୍ମଣ ଧୁରନ୍ଧର ଥିଲେ । ପ୍ରଭୁଙ୍କ କୃପାରୁ ଯୁଗ ଯୁଗ ଧରି ମାତା ସୀତା ଓ ଶ୍ରୀରାମଙ୍କ ସହିତେ ଲକ୍ଷ୍ମଣ ପୂଜା ପାଇଲେ । ଅଶିକ୍ଷିତା ଭିଲ୍ କନ୍ୟା ଶବରୀ । ସାଂପ୍ରଦାୟିକ ଯୁଦ୍ଧରେ ପିତା ମାତା ମୃତ୍ୟୁମୁଖରେ ପଡ଼ିଲେ । ନାବାଳିକା ବୟସରେ ବେସାହାରା ଶବରୀ କନ୍ୟା ବଣରେ ବୁଲୁଥିଲେ । ମାତଙ୍ଗ ଋଷିଙ୍କ ପରାମର୍ଶରେ ଶ୍ରୀରାମଙ୍କ ଦର୍ଶନ ନିମନ୍ତେ ପତ୍ର କୁଡ଼ିଆରେ ପ୍ରତୀକ୍ଷା କଲେ । ସକାଳ ପାହିଲେ ଜଙ୍ଗଲରୁ ସୁସ୍ୱାଦୁ ଫଳ, ସୁନ୍ଦର ସୁଗନ୍ଧିତ ଫୁଲ ସଂଗ୍ରହ କରୁଥିଲେ । ପ୍ରଭୁ ଶ୍ରୀରାମଙ୍କୁ ଅର୍ପଣ କରିବା ପାଇଁ ଚାହିଁ ବସୁଥିଲେ । ନାବାଳିକାରୁ ବୁଢ଼ି ହୋଇଗଲେ । ଧୈର୍ଯ୍ୟ ଓ ବିଶ୍ୱାସରେ ସାମାନ୍ୟ ମାତ୍ର ମଳିନତା ନ ଥିଲା । ଶେଷରେ ଶ୍ରୀରାମ ପତ୍ର କୁଡ଼ିଆରେ ଶବରୀଙ୍କୁ ଦର୍ଶନ ଦେଲେ । ଶବରୀଙ୍କ ଭକ୍ତି ଉନ୍ମାଦନା ଦେଖି ପ୍ରଭୁ ସନ୍ତୋଷ ହେଲେ । ଫଳ ମିଠା କି ଖଟା ଚାଖି ଦେଉଥିବା ଶବରୀ ହସ୍ତରୁ ଅଇଁଠା ଫଳ ଖାଇଲେ । ଶ୍ରୀରାମଙ୍କ ହସ୍ତ ସ୍ପର୍ଶରେ ଶବରୀ ମୋକ୍ଷ ପ୍ରାପ୍ତ ହେଲେ । ଭଗବାନ ଶ୍ରୀରାମଙ୍କ ପ୍ରତି ବିଭୀଷଣଙ୍କର ଚୋରାପ୍ରେମ ତାଙ୍କୁ ଅମର କରି ଦେଇଛି । ଲଙ୍କାର ରାଜା ଓ ପ୍ରଜା ସମସ୍ତଙ୍କର ଶ୍ରୀରାମଙ୍କ ପ୍ରତି ଶତ୍ରୁ ଭାବ ଥିବା ବେଳେ ବିଭୀଷଣ ପ୍ରଭୁ ଶ୍ରୀରାମଙ୍କୁ ରାତ୍ର ଅର୍ଦ୍ଧରେ ଝୁରି ଝୁରି ଚକ୍ଷୁରୁ ଲୋତକ ଝରାଉଥିଲେ । ନିଜ ବାସଭବନରେ ଶ୍ରୀରାମଙ୍କ ଚିତ୍ର ଆଙ୍କି ସମର୍ପିତ ପ୍ରାଣରେ ପୁନଃ ପୁନଃ ପ୍ରଣାମ ଜଣାଉଥିଲେ । ଶେଷରେ ଲଙ୍କା ତ୍ୟାଗ କରି ଶ୍ରୀରାମଙ୍କ ଶରଣ ନେଲେ । କେଉଁ ଅସ୍ତ୍ରରେ ରାବଣ ନିହତ ହେବ ଶ୍ରୀରାମଙ୍କୁ ଉପାୟ କହି ଦେଲେ । ଆକୁଳ ନିବେଦନରେ ପ୍ରଭୁଙ୍କର ପଦବନ୍ଦନା କରି ଅମର ହୋଇଗଲେ । ସେହିପରି କିସ୍କିନ୍ଧା ଅରଣ୍ୟର ବାନରଙ୍କ ରାଜା ଥିଲେ ସୁଗ୍ରୀବ । ବଡ଼ଭାଇ ବାଳୀ ହିଂସା ଯୁଦ୍ଧରେ ସୁଗ୍ରୀବଙ୍କ ରାଜ୍ୟ ଓ ପତ୍ନୀଙ୍କୁ ହରଣ କରି ରାଜା ବୋଲାଇଲେ । ବାଳୀଙ୍କୁ ଶିକ୍ଷା ଦେବା କିମ୍ବା ବଧ କରିବା ଅସମ୍ଭବ ହୋଇପଡ଼ିଲା । ସୁଗ୍ରୀବ ଶ୍ରୀରାମଙ୍କ ସହିତ ମିତ୍ରତା କରି ବାଳୀକୁ ନିହତ କଲେ । ହରାଇଥିବା ରାଜ୍ୟ ଓ ପତ୍ନୀଙ୍କୁ ପୁନଃ ପ୍ରାପ୍ତ ହେଲେ । ସେବା ଓ ଭକ୍ତିର ପ୍ରତୀକ ଅଞ୍ଜନୀ ପୁତ୍ର ହନୁମାନ ଶ୍ରୀରାମଙ୍କର ବ୍ୟକ୍ତିଗତ ସହାୟକ ଥିଲେ । ଶ୍ରୀରାମଙ୍କ ସେବାରେ ଏପରି ମଜ୍ଜିଗଲେ ଯେ ଅମର ହୋଇଗଲେ । ପ୍ରଜାବତ୍ସଳ ରାମ ଯେଉଁ କର୍ମ କରନ୍ତି ତାହା ସୂଚାରୁ ରୂପେ ତୁଲାଉଥିଲେ । ଦୁଷ୍ଟଙ୍କୁ ସଂହାର ଓ ସାଧୁଙ୍କୁ ସୁରକ୍ଷା ପ୍ରଦାନ କରୁଥିଲେ । ଶ୍ରୀରାମ ସ୍ୱଧାମ ପ୍ରତ୍ୟାବର୍ତ୍ତନ କାଳରେ ହନୁମାନଙ୍କୁ ଜଗତର ଦାୟିତ୍ୱ ସମ୍ଭାଳିବା ନିମନ୍ତେ କହି ଯାଇଥିଲେ । ତଦନୁଯାୟୀ ଚାରିଯୁଗରେ ଅମର ମହାବୀର ହନୁମାନ ପ୍ରଭୁ ଶ୍ରୀରାମଙ୍କ କାର୍ଯ୍ୟ ଏବେ ବି ତୁଲାଉଛନ୍ତି । ସେହିପରି ଗୌତମ ଋଷିଙ୍କ ପତ୍ନୀ ପତିବ୍ରତା ଅହଲ୍ୟା । ଅହଲ୍ୟାଙ୍କ ସୌନ୍ଦର୍ଯ୍ୟରେ ମୋହିତ ହୋଇ ଇନ୍ଦ୍ର ଜାଲ ବିଛାଇଲେ । ଦିନେ ଗୌତମ ନଦୀକୁ ସ୍ନାନ କରିବା ପାଇଁ ଯାଇଥିବା ବେଳେ ଇନ୍ଦ୍ର ଗୌତମଙ୍କ ବେଶ ଧରି ରତି ନିବେଦନ କଲେ । ସ୍ୱାମୀଙ୍କ ଇଚ୍ଛା ପୂରଣ ନିମନ୍ତେ ଅହଲ୍ୟା ଦେହ ଦାନ କଲେ । ଗୌତମ ଋଷି ସ୍ନାନ ସାରି ଆଶ୍ରମରେ ପହଞ୍ଚିଲେ ଓ ଘଟଣା ସଂପର୍କରେ ଅବଗତ ହେଲେ । କ୍ରୋଧିତ ହୋଇ ଅହଲ୍ୟାଙ୍କୁ ଅଭିଶାପ ଦେଲେ । ନିର୍ଦ୍ଦୋଷୀ ଅହଲ୍ୟା ପାଷାଣ ପାଲଟିଗଲେ । ପାଷାଣ ଶରୀର ଭିତରୁ ଶ୍ରୀରାମଙ୍କୁ ଡାକ ଛାଡ଼ିଲେ । ପ୍ରଭୁ ଶ୍ରୀରାମ ଅହଲ୍ୟାଙ୍କର ଆର୍ତ୍ତଡାକ ଶ୍ରବଣ କଲେ । ନିକଟରେ ପହଞ୍ଚି ଦକ୍ଷିଣପାଦର ବୃଦ୍ଧାଙ୍ଗୁଳି ସ୍ପର୍ଶ ମାତ୍ରେ ଅହଲ୍ୟା ପୂର୍ବ ଶରୀର ଫେରି ପାଇଲେ । ପବିତ୍ର ଶ୍ରୀରାମ ନବମୀ ତିଥିରେ ପ୍ରତ୍ୟେକ ମାନବ ରାମରାଜ୍ୟ ପ୍ରତିଷ୍ଠା ଦିଗରେ ଯଥାସମ୍ଭବ ଉଦ୍ୟମରତ ହେବା ଆବଶ୍ୟକ । ଅତଏବ ପ୍ରଭୁଙ୍କର କୃପା ଲାଭ ପାଇଁ ଆଜିର ଦିବସ ହେଉ ସଂକଳ୍ପର ଦିବସ । ଜୟ ଶ୍ରୀରାମ... !

**ଯୋଗୀ ଗଣେଶ୍ୱର,** ମିଶନ ଭାଗବତ, ଭୁବନେଶ୍ୱର, ଦୂରଭାଷ-୯୬୬୮୬୩୧୨୫୭

# ପୁରାଣବିଦିତ ଅବତାରବାଦ ଓ ପ୍ରଭୁ ଶ୍ରୀରାମ



ଭାରତୀୟ ସାଂସ୍କୃତିକ ପରମ୍ପରା ନିର୍ମାତା ଏକ ଅପୂର୍ବ ଏବଂ ଅତୁଳନୀୟ ଗୋଷ୍ଠୀ, ଯେଉଁମାନେ ମୁନି, ଋଷି ଭାବରେ ସର୍ବଜନ ବିଦିତ । ସେଇ ମନ୍ତ୍ରଦ୍ରଷ୍ଟା, ଆତ୍ମଦର୍ଶୀମାନଙ୍କର ଅନୁଭୂତ ପ୍ରେରଣାରୁ ନିର୍ଗତ ହୋଇଛି ଏ ମହାନ ଜାତିର କାବ୍ୟ କବିତା, ଶିକ୍ଷା, ଦର୍ଶନ ଓ ସଂସ୍କୃତିର ଅନ୍ୟାନ୍ୟ ସକଳ ବିଭବ । ସୁଦୂର ଅତୀତରେ ଯେଉଁ ସମୟକୁ ଆଦର୍ଶ ଯୁଗ ବୋଲି ବିବେଚନା କରାଯାଏ, ସେ ସମୟର ସମାଜ ଓ ଶାସନର ବ୍ୟବସ୍ଥାପକ ଥିଲେ ସେହି ସର୍ବତ୍ୟାଗୀ ଋଷିଗଣ । ସେଥିପାଇଁ ହୁଏତ ସର୍ବପ୍ରାଚୀନ ସନାତନ ଧର୍ମ ମୁଖ୍ୟତ ଚାରୋଟି ସ୍ତମ୍ଭ ଉପରେ ପ୍ରତିଷ୍ଠିତ । ତାହା ହେଉଛି ଈଶ୍ୱରବାଦ, ଗୁରୁବାଦ,



ଶାସ୍ତ୍ରବାଦ ଓ ଜନ୍ମାନ୍ତରବାଦ । ଭାରତୀୟ ଜନଜୀବନର ଧର୍ମୀୟ ପରମ୍ପରାକୁ ଗଭୀର ଭାବେ ମନନ କଲେ ଜଣାଯାଏ, ତତ୍‌କାଳୀନ ଋଷିପ୍ରୋକ୍ତ ରାମାୟଣ ଓ ମହାଭାରତ ଭଳି ଦୁଇ ମହାକାବ୍ୟ, ଶତାବ୍ଦୀ ଶତାବ୍ଦୀ ଧରି ବିଶାଳ ଭୂଖଣ୍ଡର ଜନଜୀବନକୁ ଅଖଣ୍ଡ ଚେତନା ଗତ ସୂତ୍ରରେ ବାନ୍ଧି ରଖିଛି । ତପୋଧନ ମହର୍ଷି ବାଲ୍ମୀକିଙ୍କ ଲେଖନୀ ପ୍ରସୂତ ରାମାୟଣ ମହାକାବ୍ୟ ଏକ ସୁବିନ୍ୟସ୍ତ ସଂସ୍କରଣ, ଯାହା ସମଗ୍ର ଭାରତୀୟ ସାହିତ୍ୟକୁ ପ୍ରଭାବିତ କରିଛି । ଏହି ମହାନ ସୁବିପୁଳ ଗ୍ରନ୍ଥର ଜନପ୍ରିୟତା ସମଗ୍ରଭାରତ ବର୍ଷରେ ବହୁକାଳରୁ ପ୍ରଚଳିତ ହୋଇ ଆସିଛି । ପ୍ରସଙ୍ଗାନୁକ୍ରମେ ଗ୍ରନ୍ଥର ବହୁଳାଂଶ ବାସ୍ତବତାର ବିବିଧ ସ୍ତରର ବର୍ଣ୍ଣନା ପାଟବ, ତଥା କମନୀୟ ଓ ମାର୍ମୀକ ଦୃଷ୍ଟାନ୍ତରେ ବିମଣ୍ଡିତ ହୋଇ ଗ୍ରନ୍ଥର କଳେବରକୁ ବିସ୍ତୃତ ଓ ସୁସମୃଦ୍ଧ କରିଛି । ମହାନ ରଘୁବଂଶର ଅମର କୀର୍ତ୍ତିଗାଥା ବିଦଗ୍‌ଧ ପାଠକ ଓ ଉଦ୍‌ଗ୍ରୀବ ଶ୍ରୋତା ମଣ୍ଡଳୀ ଶ୍ରବଣ ଓ ମନନ କରି ଯେତିକି ଯେତିକି ଅଗ୍ରସର ହୁଅନ୍ତି, ସେତିକି ସେତିକି ବାଣୀ ଭଣ୍ଡାରରୁ ଅମୂଲ୍ୟରତ୍ନ ଲାଭ କରି କୃତାର୍ଥ ଓ କୃତ୍ୟ କୃତ୍ୟ ହୋଇଯାଆନ୍ତି । କାରଣ ଉର୍ମିଳ ମହୋଦଧି ପରି ତରଙ୍ଗାୟିତ ଏହି ସାରସ୍ୱତ ବାଙମୟ ମହାପ୍ରବାହ ଉଭୟ କର୍ମ ଜିଜ୍ଞାସା ଓ ଜ୍ଞାନଜିଜ୍ଞାସାର ଅମ୍ଳାନ ସ୍ୱାକ୍ଷର ବହନ କରି ଭାରତବର୍ଷର ଜୀବନଧାରାକୁ ବିପୁଳ ମାତ୍ରାରେ ପ୍ରଭାବିତ ଓ ଆକର୍ଷିତ କରି ନିଜସ୍ୱ ମହିମାରେ ଅଭିଭୂତ କରିଛି । ଏହି ପରିଦୃଶ୍ୟମାନ ସ୍ଥୂଳ ଜଗତ ବିଶ୍ୱାତ୍ମା ଭଗବାନଙ୍କର ଛଦ୍ମରୂପର ଏବଂ ବିବିଧ ପରିପ୍ରକାଶ । ଆମେ ଏହି ଜଗତରେ ଜନ୍ମ ନେଇ ଯେଉଁ ସବୁ ମୂଲ୍ୟବୋଧ ଦ୍ୱାରା ପରିଚାଳିତ ହେଉଛୁ, ସେ ସବୁର ଅସାରତା ଯେ ରାମାୟଣ ଗ୍ରନ୍ଥରେ ପ୍ରତିପାଦିତ ହୋଇଛି ଏଥିରେ ତୀଳେମାତ୍ରେ ସନ୍ଦେହ ନାହିଁ । ଗ୍ରନ୍ଥର ସୁଦୀର୍ଘ କଳେବର ମଧ୍ୟରେ ପ୍ରତିପାଦିତ ଦୃଶ୍ୟମାନ ବସ୍ତୁ ଏବଂ ପ୍ରତ୍ୟେକ ପରିସ୍ଥିତିର ଅନ୍ତରାଳରେ ଆତ୍ମଗୋପନ କରିଥିବା ବାସ୍ତବ ସତ୍ୟକୁ ଉପଲବ୍ଧି କଲେ ଜଣେ ସଂସାରର ଜାଗତିକ ବନ୍ଧନରୁ ମୁକ୍ତି ହୋଇ ପାରିବ ।

ହର୍ଷ ଓ ବିଷାଦପୂର୍ଣ୍ଣ ଘଟଣାର ବହୁଳତାକୁ ଦୃଷ୍ଟିରେ ରଖି ପ୍ରାଜ୍ଞପୁରୁଷ ମହର୍ଷି ବାଲ୍ମୀକି ସମଗ୍ର ଗ୍ରନ୍ଥର କଳେବରକୁ ସାତଟି ବିଭାଗ (କାଣ୍ଡ)ରେ ବିଭକ୍ତ କରିଛନ୍ତି । (୧) ବାଳକାଣ୍ଡ (୨) ଅଯୋଧ୍ୟାକାଣ୍ଡ (୩) ଅରଣ୍ୟକାଣ୍ଡ (୪) କିଷ୍କିନ୍ଧାକାଣ୍ଡ (୫)ସୁନ୍ଦରକାଣ୍ଡ (୬) ଲଙ୍କାକାଣ୍ଡ (୭) ଉତ୍ତରାକାଣ୍ଡ । ଭଗବାନ ପ୍ରଭୁ ଶ୍ରୀରାମଙ୍କ ବାଲ୍ୟଲୀଳା, ବାଳକାଣ୍ଡରେ ଲୀଳାଇତ ହୋଇଛି । ଅବତାରବାଦ ଭାରତୀୟ ଚେତନାର ଏକ ସୁମହତ୍ ଓ ମୌଳିକ ବିଶେଷତ୍ୱ ଅଟେ । ଅବତାର କହିଲେ କୌଣସି ସର୍ବୋଚ୍ଚସ୍ତରରୁ ଧରାପୃଷ୍ଠକୁ ଅବତରଣ କରି ଏକ ଦୃଶ୍ୟମାନ ରୂପ ପରିଗ୍ରହ କରୁଥିବା ମହତ୍ତ୍ୱର ଚେତନା ହିଁ ଅବତାରକୁ ବୁଝାଏ । ବିଚିତ୍ର ସୃଷ୍ଟିର କ୍ରମାଗତ ସ୍ଥିତିପାଇଁ ପରଂବ୍ରହ୍ମଙ୍କର ବିଷ୍ଣୁରୂପ ମୁଖ୍ୟତଃ ଦାୟୀ । ତେଣୁ ଆବଶ୍ୟକ ମତେ ଭଗବାନ ବିଷ୍ଣୁ ହିଁ ବାରମ୍ବାର ଅବତାର ଗ୍ରହଣ କରନ୍ତି । ଅବତାରତ୍ତ୍ୱର ଯଥାର୍ଥ ମହାତ୍ମ୍ୟ ବୁଝାଇବାକୁ ଯାଇ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - ଯେତେବେଳେ ଧର୍ମର ଗ୍ଳାନିଘଟି, ଅଧର୍ମ ମାତ୍ରା ବୃଦ୍ଧି ହୁଏ ସେତେବେଳେ ହିଁ ମୁଁ ନିଜକୁ ସାକାର ରୂପରେ ପ୍ରକଟିତ କରେ । ସାଧୁ (ଭକ୍ତ) ଜନମାନଙ୍କୁ ପରିତ୍ରାଣ କରି, ପାପାଚାରୀ ମାନଙ୍କୁ ବିନାଶ କରିବା ଏବଂ ଉତ୍ତମ ରୂପେ ଧର୍ମ ସ୍ଥାପନ କରିବା ନିମିତ୍ତ ମୁଁ ଯୁଗ ଯୁଗ ଧରି ଧରାମାର୍ଗରେ ଅବତୀର୍ଣ୍ଣ ହୋଇଥାଏ ।

ମନୁଷ୍ୟ ସୃଷ୍ଟିର ଅଲଙ୍ଘନୀୟ ନିୟମକୁ ଲଙ୍ଘନ କରି ପ୍ରବର୍ତ୍ତିତ ଧର୍ମଧାରାକୁ କଦର୍ଥ କଲେ, ସେ ସବୁର ବିହିତ ପ୍ରତିକାର ଅବତାରଙ୍କର କାର୍ଯ୍ୟସୂଚୀର ଅନ୍ତର୍ଭୁକ୍ତ । ତେଣୁ ପୁରାଣ ବିଦିତ ଅବତାର ବାଦ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । ରାମାୟଣର ସୀତା ହେଉଛନ୍ତି, ଜଣେ ଆଦର୍ଶବାଦିନୀ ସଂସ୍କୃତି ସଚେତନଶୀଳା ଆଦର୍ଶ କୁଳବଧୂ । ଜଣେ ଆଦର୍ଶବାଦିନୀ କୂଳବଧୂର ସମସ୍ତ ନୈତିକ ଗୁଣାବଳୀକୁ ବହନ କରି, ସେ ନିଜର ସାମାଜିକ ଜୀବନ ନିର୍ବାହ କରିଛନ୍ତି । ଭାରତୀୟ ଜନଜୀବନର ଏହି ସବୁ ସାମୂହିକ କାମନା, ତଥା ପ୍ରଭୁ ଶ୍ରୀରାମଙ୍କ ଜୀବନର ଚଲାପଥରେ ଘଟି ଯାଇଥିବା ଭିନ୍ନ ଭିନ୍ନ ବିସ୍ମୟଭରା ଦୁର୍ବିସହ କାହାଣୀ ତାଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ଆସନରେ ଅଧିଷ୍ଠିତ କରିଛି । ଆଜି ପବିତ୍ର ଶ୍ରୀରାମ ନବମୀ ପାଳନ ଅବସରରେ ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ପଦାରବିନ୍ଦରେ ଏତିକି ପ୍ରାର୍ଥନା, ଯେଉଁ କୋଦଣ୍ଡ ଧନୁ ଟଙ୍କାରରେ ତାଙ୍କ ଅବତାରୀ ଜୀବନ ଭାରତୀୟ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି, ସେଇ ଧନୁର୍ବାଣ ସମଗ୍ର ବିଶ୍ୱରୁ ଦୁଃଖର ଦାବାନଳକୁ ଦହନ କରୁ । ଜୟ ଶ୍ରୀରାମ... !

**ଉତ୍କଳାନନ୍ଦ ଅଜୟ କୁମାର ବେହେରା,** ପିସି ସରକାର ଲେନ୍, ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩




# ସ୍ୱଚ୍ଛତାକୁ ସଂକଳ୍ପରେ ପରିଣତ କରିବାକୁ ଏମ୍ସ ଭୁବନେଶ୍ୱର ପକ୍ଷରୁ ସାଇକ୍ଲୋଥନ୍

ଭୁବନେଶ୍ୱର,(ପି.ଏନ): ସ୍ୱଚ୍ଛତାକୁ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ଗ୍ରହଣ କରିବା ନେଇ ଜନସାଧାରଣଙ୍କୁ ଉତ୍ସାହିତ କରିବା ଏବଂ ଏହି ଅଭିଯାନରେ ନିଜକୁ ସାମିଲ କରିବାର ମହତ ଉଦ୍ଦେଶ୍ୟରେ ଏମ୍ସ ଭୁବନେଶ୍ୱର ପକ୍ଷରୁ ଏକ ସାଇକ୍ଲୋଥନ୍ ଗତକାଲି ଆୟୋଜିତ ହୋଇଯାଇଛି। ସ୍ୱଚ୍ଛତା ପଖୱାଡ଼ା ଅଭିଯାନର ଅଂଶ ସ୍ୱରୂପ (୧-୧୫ ଏପ୍ରିଲ୍) ଏମ୍ସ ଭୁବନେଶ୍ୱର ଓ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସଏଲ)ର ସହଯୋଗରେ ଏହି ସାଇକ୍ଲୋଥନ୍ ଅନୁଷ୍ଠିତ ହୋଇଥିଲା । ଏମ୍ସ ଭୁବନେଶ୍ୱରର ୨୭୦ରୁ ଅଧିକ ଡାକ୍ତରୀ ଛାତ୍ର, ଡାକ୍ତର ଏବଂ କର୍ମଚାରୀ ଏହି ସାଇକ୍ଲୋଥନରେ ଅଂଶଗ୍ରହଣ କରିଥିଲେ। ଏମ୍ ?ସ ପରିସରରୁ ଆରମ୍ଭ ହୋଇଥିବା ଏହି ସାଇକ୍ଲୋଥନ୍ ଏସ୍ ?ଓଏସ୍ ଚିଲ୍ଡ୍ରେନ ଭିଲେଜ୍ ରେ ସମାପ୍ତ ହୋଇଥିଲା। ଏହା ୮ କିଲୋମିଟର ପଥ ଅତିକ୍ରମ କରିଥିଲା। ଗତକାଲି ସକାଳେ ଏମ୍ସ ଭୁବନେଶ୍ୱର ଅଧୀକ୍ଷକ ଡ. ସଚ୍ଚିଦାନନ୍ଦ ମହାନ୍ତି ଏହି ସାଇକ୍ଲୋଥନ୍ କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରିଚ୍ଛନ୍ନତାକୁ ଏକ ସଂକଳ୍ପ ଭାବେ ପରିଣତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ନିଆରା କାର୍ଯ୍ୟକ୍ରମର ଅଂଶଗ୍ରହଣକାରୀମାନେ ସାଇକେଲ୍ ଚଲାଇ ସ୍ୱଚ୍ଛ ପରିବେଶ, ସର୍ବସାଧାରଣ ସ୍ଥାନଗୁଡ଼ିକର ପରିଷ୍କାର ପରିଚ୍ଛନ୍ନତା, ପ୍ଲାଷ୍ଟିକ ମୁକ୍ତ ଭାରତ ଆଦିର ବାର୍ତ୍ତା ପ୍ରଦାନ କରିଥିଲେ। ପୁଲିସ୍ କମିଶନର୍ ସୌମେନ୍ଦ୍ର ପ୍ରିୟଦର୍ଶୀ ଏସ୍ଓଏସ୍ ଶିଶୁ ଗ୍ରାମରେ ଅନୁଷ୍ଠିତ ଉଦ୍ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମାଜରେ ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିବା ତଥା ଜନସାଧାରଣଙ୍କୁ ଏନେଇ ସଚେତନ କରିବା ଲକ୍ଷ୍ୟରେ ଏମ୍ସ ଭୁବନେଶ୍ୱର ପକ୍ଷରୁ ନିଆଯାଇଥିବା ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ଏଥିସହିତ ରାଜ୍ୟରେ ଏହି ଜାତୀୟ ଅନୁଷ୍ଠାନ ପ୍ରଦାନ କରୁଥିବା ଅତ୍ୟାଧୁନିକ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ମଧ୍ୟ କମିଶନର ପ୍ରିୟଦର୍ଶୀ ବେଶ୍ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍ଓଏସ୍ ଶିଶୁ ଗ୍ରାମ ନିର୍ଦ୍ଦେଶକ ଅବିନାଶ କୁମାର ହୋତା, ଏମ୍ସ ଅଧୀକ୍ଷକ ଡ. ସଚ୍ଚିଦାନନ୍ଦ ମହାନ୍ତି, କୁଳସଚିବ ବି ବି ମିଶ୍ର, ହସ୍ପିଟାଲ୍ ପ୍ରଶାସନ ବିଭାଗ ମୁଖ୍ୟ ତଥା କାୟାକଳ୍ପ ନୋଡାଲ୍ ଅଧିକାରୀ ଡ. ଜବାହର ଏସ୍ ପିଲ୍ଲାଇ, ଶିଶୁ ସର୍ଜରୀ ବିଭାଗର ଡ. କନିଷ୍କ ଦାସ, ଅତିରିକ୍ତ ପ୍ରଫେସର ହସ୍ପିଟାଲ୍ ପ୍ରଶାସନ ଡ(ମେଜର) ଏମ୍ ସି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏସ୍ଓଏସ୍ ଶିଶୁଗ୍ରାମର ମହାସଚିବ ସୁମନ୍ତ କର ଏହି କାର୍ଯ୍ୟକ୍ରମର ସଫଳତା କାମନା କରିବା ସହିତ ସ୍ୱଚ୍ଛତା ସମ୍ପର୍କରେ ଏକ ବାର୍ତ୍ତା ପ୍ରଦାନ କରିଥିଲେ।

# ଶିକ୍ଷାବିତ୍ ପି. କେ. ମାନସିଂହଙ୍କ ପରଲୋକ

ଭୁବନେଶ୍ୱର, (ପି.ଏନ): ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ପ୍ରଫୁଲ୍ଲ କୁମାର ମାନସିଂହଙ୍କର ଗତକାଲି ସ୍ଥାନୀୟ ଶିବନଗରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୭ ବର୍ଷ ହୋଇଥିଲା। ସେ ପୁରୀର ସାମନ୍ତ ଚନ୍ଦ୍ରଶେଖର (ଏସସିଏସ) ସ୍ୱୟଂଶାସିତ କଲେଜ ଅର୍ଥନୀତି ବିଭାଗର ପ୍ରାଧ୍ୟାପକ ତଥା ମୁଖ୍ୟ ଭାବେ ଅବସର ନେଇଥିଲେ। ଗତ ୨୦୨୦ ଡିସେମ୍ବର ୧୧ରେ ପୁରୀରୁ ଭୁବନେଶ୍ୱର ଫେରୁଥିବା ବାଟରେ ସେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ସେହି ଦିନଠାରୁ ସେ ପ୍ରଥମେ ହାସପାତାଳ ଓ ପରେ ଘରେ ରହି ଚିକିତ୍ସିତ ହେଉଥିଲେ। ଡକ୍ଟର ମାନସିଂହ ଜଣେ ଛାତ୍ରବତ୍ସଳ ଓ କର୍ତ୍ତବ୍ୟନିଷ୍ଠ ଅଧ୍ୟାପକ ଭାବେ ସୁପରିଚିତ ଥିଲେ। ସେ ଯୁକ୍ତଦୁଇ ଓ ଯୁକ୍ତତିନି ଶ୍ରେଣୀ ପାଇଁ ଇଂରାଜୀ ଓ ଓଡ଼ିଆରେ ୪ଖଣ୍ଡ ଲେଖାଏଁ ପାଠ୍ୟପୁସ୍ତକ ପ୍ରଣୟନ କରିଛନ୍ତି ଏବଂ ଏହି ପୁସ୍ତକଗୁଡିକ ଛାତ୍ରମହଲରେ ବିଶେଷ ଆଦୃତି ଲାଭ କରିଛି। ଅଧୁନାତନ ଘଟଣାବଳୀ ଉପରେ ତାଙ୍କ ରଚିତ ଅନେକ ପ୍ରବନ୍ଧ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ ପାଇଛି। ପୁରୀର ସ୍ୱର୍ଗଦ୍ୱାରଠାରେ ତାଙ୍କ ଶବ ସତ୍କାର କରାଯାଇଥିଲା ଏବଂ ଏକମାତ୍ର ପୁତ୍ର ମାତୃଜ୍ୟୋତି ମୁଖାଗ୍ନି ଦେଇଥିଲେ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

# ପିସିସି ସଭାପତି ହେବାକୁ ଇଚ୍ଛା ନାହିଁ : ଜୟଦେବ ଜେନା

ଭୁବନେଶ୍ୱର, (ପି.ଏନ):ପିସିସି ରାଜ୍ୟ ମୁଖିଆ ବଦଳିବା ନେଇ ଚର୍ଚ୍ଚା ଜୋରଦାର ଚାଲିଛି। ନୂଆ ମୁଖିଆ କିଏ ହେବେ ତାଙ୍କୁ ନେଇ ନାନା କଳ୍ପନା ଜଳ୍ପନା ଲାଗି ରହିଛି। ଏହି ରେସ୍ ରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ନାଁ ନିଆଯାଉଥିବା ବେଳେ ଏହାକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି ନିଜେ ଜୟଦେବ। ଗଣମାଧ୍ୟମକୁ ସୂଚନା ଦେଇ ଜୟଦେବ ଜେନା କହିଛନ୍ତି ପିସିସି ସଭାପତି ହେବାକୁ ଇଚ୍ଛା ନାହିଁ। ମୋର ଇଚ୍ଛା ନାହିଁ କି ମୁଁ ରେସ୍ ରେ ନାହିଁ। ମୁଁ ରେସ୍ ରେ ବିଶ୍ୱାସ ରଖେନି। ମାନସିକ ସ୍ତରରେ ପ୍ରସ୍ତୁତ ମଧ୍ୟ ନାହିଁ। ଓଡ଼ିଶା ପାଇଁ ହାଇକମାଣ୍ଡ ମୋତେ ଯେଉଁ ଦାୟିତ୍ୱ ଦେବେ, ତାକୁ ଗ୍ରହଣ କରିବି।ସେ ଆହୁରି କହିଛନ୍ତି ଦୁଇ ଦୁଇ ଥର ପିସିସି ସଭାପତି ହୋଇଛି। ୨୦୦୪ ମସିହାରେ ମୋ' ନାଁ ଘୋଷଣା ହେଲା। ଆଉ ୫ ବର୍ଷ ପାଇଁ ପିସିସି ସଭାପତି ରହିଲି। ୨୦୧୩ ମସିହାରେ ପୁଣି ଯେତେବେଳେ ପିସିସି ସଭାପତି ହେଲି, ସେତେବେଳେ ହେବି ବୋଲି କାହାକୁ କହିନଥିଲି କି ଚେଷ୍ଟା ମଧ୍ୟ କରିନଥିଲି।ନିକଟରେ ଶେଷ ହୋଇଥିବା ୫ ରାଜ୍ୟରେ ନିର୍ବାଚନ ଫଳାଫଳ ଯେତେବେଳେ କଂଗ୍ରେସ ସପକ୍ଷରେ ଗଲାନି, ସେତେବେଳେ ସାଙ୍ଗଠନିକ ପରିବର୍ତ୍ତନ କରିବାକୁ କାର୍ଯ୍ୟାକାରିଣୀରେ ସୋନିଆ ଗାନ୍ଧିଙ୍କୁ କୁହାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ଫଳାଫଳ ଖରାପ ହୋଇଥିବା ୫ଟି ରାଜ୍ୟରେ ସଭାପତି ପରିବର୍ତ୍ତନ କରାଗଲା। ଆଉ ଯେଉଁ ରାଜ୍ୟରେ ସାଙ୍ଗଠନିକ ଦୁର୍ବଳତା ଦେଖୁଛନ୍ତି, ସେଠାରେ ପରିବର୍ତ୍ତନ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ସେହି କ୍ରମରେ ଓଡ଼ିଶାରେ ପିସିସି ପରିବର୍ତ୍ତନ ହୋଇପାରେ। ତେବେ ଏହି ଆଲୋଚନାରେ କଣ ନିର୍ଯ୍ୟାସ ବାହାରିବ, ତାହା ଶ୍ରୀମତୀ ଗାନ୍ଧି ଓ ରାହୁଲ ଗାନ୍ଧି କହିପାରିବେ। ମୁଁ ସେ ବିଷୟରେ କହିପାରିବି ନାହିଁ ବୋଲି ଶ୍ରୀ ଜେନା କହିଛନ୍ତି।ତେବେ ବିଧାୟକଙ୍କ ଭିତରୁ କାହାକୁ ପିସିସି ସଭାପତି କଲେ କିଛି ଅସୁବିଧା ନାହିଁ। ମୁଁ ଯେତେବେଳେ ବିଧାୟକ ଥିଲି, ସେତେବେଳେ ପିସିସି ସଭାପତି ହୋଇଥିଲି। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କିଏ ସେହି ବିଧାୟକ ଯିଏ ପିସିସି ସଭାପତି ହେବେ? ଯାହାଙ୍କ ଉପରେ ଲୋକଙ୍କ ଭରସା ଥିବ ଓ ଯିଏ ଦିନରାତି ୨୪ ଘଂଟା ପରିଶ୍ରମ କରି ବିଜେପି ଏବଂ ବିଜେଡି ବିରୋଧରେ ଲଢ଼େଇ କରିପାରିବେ। ଯିଏ ବି ପିସିସି ସଭାପତି ହେବେ ତାଙ୍କୁ ମୁଁ ସହଯୋଗ କରିବି ବୋଲି ଶ୍ରୀ ଜେନା କହିଛନ୍ତି।

# କଳା କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ନୂଆଗାଁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ଧାରଣା ଓ ବିକ୍ଷୋଭ




ରାଉରକେଲା, (ପିଏନ) : କେନ୍ଦ୍ର ସରକାରଙ୍କ କଳା କୃଷି ଆଇନ୍ ପ୍ରତ୍ୟାହାର ଦାବିରେ କୋଇଡା ବ୍ଲକ୍ କଂଗ୍ରେସ ତରଫରୁ ଆଜି ଏକ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ନୂଆଗାଁ ବ୍ଲକ୍ କଂଗ୍ରେସର ପୂର୍ବତନ ଜୋନ ସଭାପତି ଅନୀଲ ଏକ୍କା, ନୂଆଗାଁ କୃଷକ କଂଗ୍ରେସ ସଭାପତି ପ୍ରକାଶ ସାହୁ ଓ କଂଗ୍ରେସ ନେତା ସୁଲେମାନ କାଉଡିଆଙ୍କ ନେତୃତ୍ୱରେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷକ ଆନ୍ଦୋଳନ ସ୍ୱତନ୍ତ୍ର କମିଟିର ଜିଲ୍ଲା ଅଧ୍ୟକ୍ଷ ତଥା ନବନିଯୁକ୍ତ ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କେନ୍ଦ୍ରର ପ୍ରଣୀତ କୃଷି ଆଇନ୍ ଦେଶର କୃଷି ଓ କୃଷକ ବିରୋଧି ଆଇନ୍ ବୋଲି କହିଥିଲେ। ଏହି ଆଇନ୍ ଦ୍ୱାରା ମଣ୍ଡି ଓ ଲ୍ୟାମ୍ପସ୍ ବ୍ୟବସ୍ଥା ଉଚ୍ଛେଦ ହେବା ସହିତ ଚାଷୀମାନଙ୍କୁ ସେମାନଙ୍କ ଫସଲର ସହାୟକ ମୂଲ୍ୟ ପ୍ରଦାନ ବ୍ୟବସ୍ଥା ଉଚ୍ଛେଦ ହୋଇଯିବ। ନୂଆ

କୃଷି ନୀତିରେ କେନ୍ଦ୍ର ସରକାର କୃଷକମାନଙ୍କ ନିକଟରେ ପୁଞ୍ଜିପତି କର୍ପୋରେଟ୍ ସେକ୍ଟରର ଏଜେଣ୍ଟମାନଙ୍କୁ ପହଞ୍ଚିବାର ବ୍ୟବସ୍ଥା କରିଥିବାରୁ ଆଗାମୀ ଦିନରେ କ୍ଷୁଦ୍ର ଓ ନାମମାତ୍ର ତଥା ଭାଗଚାଷୀଙ୍କ ଜମି ଉପରେ କର୍ପୋରେଟ୍ ସେକ୍ଟରର ପୁଞ୍ଜିପତିମାନଙ୍କ ନିୟନ୍ତ୍ରଣ ରହିବ ବୋଲି ଶ୍ରୀ ତିର୍କୀ କହିଥିଲେ। ନୂଆ କୃଷି ନୀତିରେ ସରକାର କିମ୍ବା ସରକାରୀ ସଂସ୍ଥା କୃଷକମାନଙ୍କ ଠାରୁ ସେମାନଙ୍କ ଉତ୍ପାଦିତ ଫସଲ କିଣିବା ପାଇଁ କୌଣସି ପ୍ରାବଧାନ ରଖିନାହାଁନ୍ତି । ଫଳରେ ଆଗାମୀ ଦିନରେ ଭାରତୀୟ ଖାଦ୍ୟ ନିଗମ କର୍ତ୍ତୃପକ୍ଷ କୋଟି କୋଟି ଚାଷୀଙ୍କ ନିକଟରେ ସିଧାସଳଖ ପହ ?ି ସେମାନଙ୍କ ଠାରୁ ଫସଲ କିଣିବା ଆଦୌ ସମ୍ଭବ ହେବନାହିଁ। ସରକାରୀ ସଂସ୍ଥା ଚାଷୀଙ୍କ ଠାରୁ ଖାଦ୍ୟ ଶସ୍ୟ ନ କିଣିଲେ ସାଧାରଣ ବ ?ନ ବ୍ୟବସ୍ଥା ପ୍ରଭାବିତ ହେବ। ଏହାହେଲେ ଗରିବ ଲୋକମାନଙ୍କୁ କିପରି ସୁଲଭ ମୂଲ୍ୟରେ ସରକାର ଖାଦ୍ୟଶସ୍ୟ ଯୋଗାଇ ଦେବେ ବୋଲି ଶ୍ରୀ ତିର୍କୀ ପ୍ରଶ୍ନ କରିଥିଲେ। ତେଣୁ କେନ୍ଦ୍ର ସରକାରଙ୍କ ଏହି କଳା କୃଷି ଆଇନ୍‌କୁ ତୁରନ୍ତ ପ୍ରତ୍ୟାହାର କରି ଭବିଷ୍ୟରେ ପ୍ରଭାବିତ ହେବାକୁ ଥିବା ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁନିଶ୍ଚିତ କରନ୍ତୁ ବୋଲି ଦଳ ପକ୍ଷରୁ ଦାବି କରାଯାଇଥିଲା । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବୀରମିତ୍ରପୁର କଂଗ୍ରେସ ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ୍ ଦେଶରେ ଖାଦ୍ୟଶସ୍ୟର ନିଅ ?ିଆ ପରିସ୍ଥିତି ସୃଷ୍ଟି କରିବା ସହ ଦରଦାମ୍ ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ । କାରଣ କର୍ପୋରେଟ୍ ସେକ୍ଟରର ଏଜେ ?ମାନେ ଚାଷୀଙ୍କ ଠାରୁ ଅମଳ ସମୟରେ କମ୍ ମୂଲ୍ୟରେ ଖାଦ୍ୟଶସ୍ୟ କିଣି ଏହାକୁ ଗଚ୍ଛିତ ରଖିବା ଦ୍ୱାରା ବଜାରରେ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହେବ । ଏଭଳି ପରିସ୍ଥିତିରେ ସେମାନେ ଏହାର ଫାଇଦା ଉଠାଇ ଗଚ୍ଛିତ ଖାଦ୍ୟଶସ୍ୟକୁ ଚଢ଼ା ଦରରେ ବିକ୍ରି କରିବାର ପଥ ସୁଗମ ହେବ ବୋଲି କହିଥିଲେ । ଫଳରେ ସବୁଶ୍ରେଣୀର ଲୋକେ ସାଂଘାତିକ ଭାବେ କ୍ଷତିଗ୍ରସ୍ତ ହେବେ। ତେଣୁ ସ୍ୱେଚ୍ଛାଚାରୀ ମୋଦି ସରକାରର ଏହି କଳା କୃଷି ଆଇନ୍‌କୁ ସମସ୍ତେ ମିଳିମିଶି ଦୃଢ଼ ବିରୋଧ କରିବାର ଆବଶ୍ୟକତା ରହିଛି ବୋଲି କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ନୂଆଗାଁ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀ ତିର୍କୀଙ୍କ ସମେତ ବୀରମିତ୍ରପୁର କଂଗ୍ରେସ ନେତା ରୋହିତ ଯୋଶେଫ ତିର୍କୀ, ରାଉରକେଲା ଓବିସି ଅଧ୍ୟକ୍ଷ କୈଳାସ ସାହୁ, ପ୍ରକାଶ ସାହୁ, ସୁଲେମାନ କାଉଡିଆ, ଅନୀଲ କେର୍କେଟା, ସୁକ୍ରୁ ଅହିର, ଅନୀଲ ଏକ୍କା, ସୋମରା ତିର୍କୀ, ଶରତ ବେହେରା, ଆନନ୍ଦମାସି ଜଦିଆ, ବାସିଲ ଯୋଯୋ, ଟୁନୁର ଟପ୍ପୋ, ସୁରଜ ସାହୁ, ଜୁଏଲ କାଣ୍ଡୁଲନା, ରାମୁ ବଡାଇକ, ନିକୁ କେଶରୀ, ବେଲା ଓରାମ, ବୁତରୁ ଓରାମ, କିଶୋର କୁମାର ଏକ୍କା, ଅଜିତ ବୁଡ, ଅଗୁଷ୍ଟିନ କାଣ୍ଡୁଲନା, ଅନୀଲ ଖଣ୍ଡୁଆଳ, ଜୁଏଲ ଡେଙ୍ଗରା, ସୁରଜ ତିର୍କୀ, ଧିରଜ ତିର୍କୀ, ପ୍ରକାଶ ତିର୍କୀ, ସୁଜିତ କୁଜୁର, ସଂଯୁକ୍ତା ଲାକ୍ରା, ସସ୍ମିତା ମୁଣ୍ଡା, ସହାୟ କେର୍କେଟା, ରାଧେ ପ୍ରଧାନ, ପ୍ରମିଳା ମୁଣ୍ଡା, ମଙ୍ଗଳ ଟପ୍ପୋ, କୋଣ୍ଡା କୁମ୍ଭାର, ଜୁନୁଲ ଖାଡିଆ, ଏଚ୍. ସୁରିନ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ସମର୍ଥକ ସାମିଲ୍ ଥିଲେ।

# ସିପୋ ନିର୍ଦ୍ଦେଶକ - ଓଏସଡିଏର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀଙ୍କ ସୌଜନ୍ୟମୂଳକ ସାକ୍ଷାତ

ଭୁବନେଶ୍ୱର, (ପି.ଏନ): ସିଙ୍ଗାପୁର ସରକାରଙ୍କ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଅଧୀନସ୍ଥ ସିଙ୍ଗାପୁର-ଭାରତ ସହଭାଗିତା କାର୍ଯ୍ୟାଳୟ ( ସିପୋ) ତଥା ଇନଷ୍ଟିଚ୍ୟୁସନାଲ ଡେଭେଲପମେଂଟର ନିର୍ଦ୍ଦେଶକ ଏରିକ୍ ଟାନଙ୍କ ସହ ଏକ ପ୍ରତିନିଧି ଦଳ ଆଜି ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ(ଓଏସଡିଏ)ର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ ।ଏହି ଅବସରରେ ଶ୍ରୀ ବାଗ୍‌ଚୀ କହିଥିଲେ ଯେ ୱାଲର୍ଡ ସ୍କିଲ ସେଂଟରରୁ ତାଲିମପ୍ରାପ୍ତ ସ୍କିଲ ପ୍ରଶିକ୍ଷାର୍ଥୀଙ୍କୁ ବିଶ୍ୱସ୍ତରୀୟ ସଂସ୍ଥାରେ ନିଯୁକ୍ତି ପାଇବାରେ ସିପୋ ସହଯୋଗ କରିବ । ଆଇଟିଆଇ କିମ୍ବା ପଲିଟେକ୍‌ନିକ୍ ର ପ୍ରଶିକ୍ଷାର୍ଥୀ ବିଶ୍ୱସ୍ତରୀୟ ସଂସ୍ଥାରେ ନିଯୁକ୍ତି ପାଇବା ଦ୍ୱାରା ସାମାଜିକ ରୂପାନ୍ତରଣ ଆସିପାରିବ ବୋଲି ମଧ୍ୟ ସେ କହିଥିଲେ । ଓଡିଶାରେ ରାଜ୍ୟ ସରକାର ଷ୍ଟାର୍ଟଅପ୍ ସଂସ୍ଥାମାନଙ୍କୁ ଉତ୍ସାହିତ କରିବା ସହ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି । ସିପୋ ପ୍ରତିନିଧି ଦଳଙ୍କୁ ଷ୍ଟାର୍ଟଅପମାନଙ୍କ ପାଇଁ ପ୍ରତିଷ୍ଠା କରାଯାଇଥିବା ଓ-ହବ୍ କେନ୍ଦ୍ର ପରିଦର୍ଶନରେ ଯିବା ପାଇଁ ମଧ ଶ୍ରୀ ବାଗ୍‌ଚୀ କହିଥିଲେ । ପାରସ୍ପରିକ ଲାଭ ପାଇଁ ସିପୋ ରାଜ୍ୟ ସରକାରଙ୍କ ସହିତ ଅର୍ଥନୈତିକ ବିକାଶ ପ୍ରକଳ୍ପରେ କାର୍ଯ୍ୟ କରିବାକୁ ଆଗ୍ରହୀ ଥିବା ସହ ଯୁବଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବାକୁ ସିପୋର ନିର୍ଦ୍ଦେଶକ ଶ୍ରୀ ଟାନ ସୂଚନା ଦେଇଥିଲେ। ସିଙ୍ଗାପୁର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟର ଏକ ଅଂଶ ଭାବେ ସିଙ୍ଗାପୁରର ବେସରକାରୀ କ୍ଷେତ୍ରର ତାଲିମ / ସ୍କିଲିଂ ସଂସ୍ଥାଗୁଡ଼ିକରେ ସୁଯୋଗ ଚିହ୍ନଟ କରିବାରେ ମଧ୍ୟ ଏହା ସହାୟକ ହେବ ବୋଲି ସେ କହିଥିଲେ। ଏହି ପ୍ରତିନିଧି ଦଳ ୱାଲର୍ଡ ସ୍କିଲ ସେଂଟର ପରିଦର୍ଶନ କରି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଓ ଓଏସଡିଏ ସିଇଓ ରେଘୁ ଜିଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ସେହିପରି ୟୁନିସେଫ ଓଡିଶା ମୁଖ୍ୟ ମନିକା ଓ ନିଏଲସେନ ଓଡିଶାର କିଶୋର ଯୁବଗୋଷ୍ଠୀ ତଥା ଅନଗ୍ରସର କିଶୋରୀମାନଙ୍କର ଦକ୍ଷତା ବିକାଶ କରି କିଭଳି ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରି ହେବ ସେ ନେଇ ଓଏସଡିଏ ଅଧ୍ୟକ୍ଷ ଶ୍ରୀ ବାଗ୍‌ଚୀଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ବାଗ୍‌ଚୀ ୟୁନିସେଫ ପ୍ରତିନିଧି ଦଳଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ଦକ୍ଷତା ବିକାଶ ନିମନ୍ତେ ନିଆଯାଇଥିବା ପଦକ୍ଷେପ ବିଷୟରେ ବିସ୍ତୃତଭାବେ ଉପସ୍ଥାପନ କରିଥିଲେ। ଆଗାମୀ ଦିନରେ ଓଏସଡିଏ ସହ ସହଭାଗିତା କରିବାକୁ ୟୁନିସେଫ ପ୍ରତିନିଧି ଦଳ ଆଶାବ୍ୟକ୍ତ କରିଥିଲେ। ଏହି ଆଲୋଚନା ସମୟରେ ୟୁନିସେଫ କମ୍ୟୁନିଟି ସ୍ପେସିଆଲିଷ୍ଟ ରାଧିକା ଶ୍ରୀବାସ୍ତବ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅତିରିକ୍ତ ସଚିବ ପିନାକୀ ପଟ୍ଟନାୟକ ଉପସ୍ଥିତ ଥିଲେ ।

# ଗୁଣାତ୍ମକ ଶିକ୍ଷା ପ୍ରଣାଳୀର ପୁନରୁଦ୍ଧାର ପ୍ରୟୋଜନ : ସୂର୍ଯ୍ୟ ପାତ୍ର

ଭୁବନେଶ୍ୱର(ପିଏନ)- ଭାରତ ବର୍ଷର ପ୍ରାଚୀନ ଗୁରୁକୁଳ ଶିକ୍ଷା ପରମ୍ପରା ଖୁବ ମହାନ ଓ ମହିମାମୟ ଥିଲା ବୋଲି ଓଡିଶା ବିଧାନ ସଭା ର ବାଚସ୍ପତି ଡ଼. ସୂର୍ଯ୍ୟନାରାୟଣ ପାତ୍ର ମତ ପ୍ରକାଶ କରିଛନ୍ତି । ଏହି ଗୁଣାତ୍ମକ ଏବଂ ଗୌରବାନ୍ୱିତ ଶିକ୍ଷା ପଦ୍ଧତି ର ପୁନରୁଦ୍ଧାର ସାମ୍ପ୍ରତିକ ଯୁଗରେ ଖୁବ ପ୍ରାସଙ୍ଗିକ ଓ ବାସ୍ତବିକ ବୋଧ ହେଉଥିବା ଡ଼.ପାତ୍ର ସୂଚାଇଛନ୍ତି । ଭୁବନେଶ୍ୱରର ନୂଆପଲ୍ଲୀ ଠାରେ ଏସାର ସିଷ୍ଟମ୍ସ ଏବଂ ଗୁରୁକୁଳ ଅନଲାଇନ ଶିକ୍ଷା ବ୍ୟବସ୍ଥାର ଭାରତ କାର୍ଯ୍ୟାଳୟ ଓ ଆନ୍ତର୍ଜାତିକ ମୁଖ୍ୟାଳୟ ର ଭରଚୁଆଲ ଶୁଭ ଉଦଘାଟନ କରି ଡ଼.ପାତ୍ର ବର୍ତ୍ତମାନ ପ୍ରଚଳିତ ଶିକ୍ଷା ପ୍ରଣାଳୀର ନୈତିକ ,ବୈଷୟିକ ,ପ୍ରଯୁକ୍ତିଗତ ଓ ବ୍ୟବହାରିକ ମାନ ବୃଦ୍ଧି କରିବାରେ ଏସାର -ଗୁରୁକୁଳ ନିଶ୍ଚିତ ଭାବେ ସକ୍ଷମ ହେବ ବୋଲି ଆଶା ପ୍ରକାଶ କରିଥିଲେ ।

ଉଦଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କର ଇଲେକ୍‌ଟ୍ରୋନିକ୍ସ , ପ୍ରଯୁକ୍ତି ବିଦ୍ୟା , କ୍ରୀଡା ,ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିତା କାଟି ଗୃହ ପ୍ରବେଶ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ଆନ୍ତର୍ଜାତୀକ ୱେବିନାରକୁ ସମ୍ବୋଧନ କରି ଶ୍ରୀ ବେହେରା ସାରା ବିଶ୍ୱରେ ଓଡ଼ିଆ ଭାଷା ର ପ୍ରଚାର , ପ୍ରସାର ଏବଂ ଏହାକୁ ଲୋକପ୍ରିୟ କରିବା ପାଇଁ ଏସାର - ଗୁରୁକୁଳ ଯେପରି ମାଗଣା ଅନ ଲାଇନ ଶିକ୍ଷା ପ୍ରଦାନର ପ୍ରକ୍ରିୟା ପ୍ରାରମ୍ଭ କରିବାକୁ ଯାଉଛି , ତାର ଭ ?ୟସୀ ପ୍ରସଂଶା କରିଥିଲେ। ଆଜି ଇ -ଶିକ୍ଷା ଏବଂ ୫ ଜି ଟେକ୍ନୋଲୋଜିକୁ ଆପଣେଇବା ସମୟୋଚିତ ହେବ ବୋଲି ମନ୍ତ୍ରୀ କହିଥିଲେ ।ସମାରୋହରେ ବିଶିଷ୍ଟ ଅତିଥି ଭାବରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଅମର ଶତପଥୀ , ଆମର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ମାତ୍ରାରେ ପ୍ରଯୁକ୍ତି ବିଦ୍ୟାର କ୍ରୀତଦାସ ନ ସାଜି ସ୍ୱୟଂସମୃଦ୍ଧ ଓ ସୃଜନଶୀଳଯୁକ୍ତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ଅସ୍କାର ବିଧାୟିକା ମଞ୍ଜୁଳା ସ୍ୱାଇଁ ,ଏସାର - ଗୁରୁକୁଳ ଦ୍ୱାରା ସାରା ପୃଥିବୀରେ ଓଡ଼ିଆ ଶିକ୍ଷାକୁ ପରିବ୍ୟାପ୍ତ କରିବାର ପ୍ରୟାସକୁ ସ୍ୱାଗତ ଜଣାଇଥିଲେ ।

ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଗୁରୁମା ଡ଼. ଅରୁନ୍ଧତି ଦେବୀ , ବିଦେଶରେ ଲୁପ୍ତ ପ୍ରାୟ ହେବାକୁ ଯାଉଥିବା ଓଡ଼ିଆ ଭାଷା କୁ ପୁନରୁଦ୍ଧାର କରିବା ଏବଂ ବର୍ତ୍ତମାନ ତଥା ଭବିଷ୍ୟତ ପିଢୀକୁ ଏହାର ଉପାଦେୟତା ପ୍ରତି ସଚେତନ କରାଇବା ଓ ଏଥିପ୍ରତି ଆକୃଷ୍ଟ କରିବା ଦିଗରେ ଏସାର - ଗୁରୁକୁଳ ନିଶ୍ଚିତ ଭାବରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଭରସା ପ୍ରକଟ କରିଥିଲେ। ମାନବିକତା ଧର୍ମୀ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଗୁରୁକୁଳ, ବିଦ୍ୟାର୍ଥୀର ଜୀବନ ଓ ମାନସିକତା ନିର୍ମାଣ କରିବ ବୋଲି ଡ଼.ଦେବୀ ଉଲ୍ଲେଖ କରିଥିଲେ । ପ୍ରବାସରେ ଓଡ଼ିଆ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ଛାତ୍ର ଛାତ୍ରୀମାନଙ୍କୁ ଅନଲାଇନ ପରୀକ୍ଷା ଦେବାର ସୁଯୋଗ ପ୍ରଦାନ କରିବାକୁ ଚେନ୍ନାଇ ସ୍ଥିତ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ସମାଜର ସଭାପତି ଶାନ୍ତନୁ କୁମାର ଜେନା, ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଅନଲାଇନ ଯୋଗେ ନୂଆକରି ଯୁଗୋପଯୋଗୀ ଗୁରୁଶିଷ୍ୟ ପରମ୍ପରାର ପୁନରୁଦ୍ଧାର, ସମୟର ଆହ୍ୱାନ ବୋଲି ନୂଆଦିଲ୍ଲୀ ସ୍ଥିତ ଡ଼. ଆମ୍ବେଦକର ଫାଉଣ୍ଡେସନ ର ନିର୍ଦ୍ଦେଶକ ଡ଼. ଦେବେନ୍ଦ୍ର ମାଝୀ ଦର୍ଶାଇଥିଲେ ।

ସ୍ୱାଗତ ଭାଷଣ ପ୍ରଦାନ କରି ଉତ୍ସବର ସହ ଆୟୋଜକ ବରିଷ୍ଠ ସାମ୍ବାଦିକ ତଥା ବନ୍ଦେ ଉତ୍କଳ ଫାଉଣ୍ଡେସନ ର ପ୍ରତିଷ୍ଠାତା ଅଧ୍ୟକ୍ଷ କିଶୋର ଦ୍ୱିବେଦୀ , ଏସାର - ଗୁରୁକୁଳ ପାରମ୍ପରିକ ଶିକ୍ଷା ପ୍ରଦାନ ଓ ଗ୍ରହଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଯାଉଥିବା ସୂଚାଇଥିଲେ । ବିଦ୍ୟାର୍ଥୀ ଶିକ୍ଷାଦାନ ନିକଟକୁ ନ ଆସି ଶିକ୍ଷାକୁ ବିଦ୍ୟାର୍ଥୀର ଦୁଆର ମୁହଁ ରେ ସପ୍ତାହକୁ ସାତଦିନ ଓ ୨୪ ଘଣ୍ଟା ଧରି, ତାଙ୍କର ସୁବିଧା ଅନୁସାରେ ପହଞ୍ଚାଇବା, ଏହି ନୂଆ ଶିକ୍ଷାକ୍ରମର ଅସଲ ଉଦେଶ୍ୟ ବୋଲି ଶ୍ରୀ ଦ୍ୱିବେଦୀ ଦର୍ଶାଇଥିଲେ ।

ଉଭୟ ପ୍ରକୃତ ଓ ୱ ?ବ ଯୋଗେ ଆୟୋଜିତ ଏହି ଉଦଘାଟନୀ ସମାରୋହର ମୁଖ୍ୟ ଆୟୋଜକ ଏବଂ ଏସାର- ଗୁରୁକୁଳ ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଇଂ ମୀନକେତନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରି ଏସାର-ଗୁରୁକୁଳ ସଂସ୍ଥା ଗଠନ ପଛରେ ଥିବା ଦାର୍ଶନିକ ଓ ଆଧ୍ୟାତ୍ମିକଗତ ମହତ ଭାବନା ଉପରେ ଆଲୋକପାତ କରିଥିଲେ । ଦେଶର ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ନବୀକରଣ ଓ ଏହାର ମାନବର୍ଦ୍ଧନ ପାଇଁ ଏସାର - ଗୁରୁକୁଳ ବଦ୍ଧପରିକର ବୋଲି ଇଃ ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଥିଲେ ।

ସମଗ୍ର ଡିଜିଟାଲ କାର୍ଯ୍ୟକ୍ରମକୁ ଏସାର-ଗୁରୁକୁଳ ପରିକଳ୍ପନାର ସର୍ଜନାକାରୀ ଏବଂ ସି .ଏମ .ଡି ଇଃ ଶ୍ରୀ ବିଶ୍ୱାଳଙ୍କର ସୁପୁତ୍ର ଶିବ ରଞ୍ଜନ ବିଶ୍ୱାଳ ମାଞ୍ଚେଷ୍ଟର ରୁ ସଂଯୋଜନା କରିଥିଲେ । ଆୟୋଜନର ସୁପରିଚାଳନା କରିବାରେ ଶିବ କୁମାର ବିଶ୍ୱାଳ , ପ୍ରକାଶ ନାୟକ, ଦିଲ୍ଲୀପ କୁମାର ସାହୁ ଏବଂ ବିକାଶ ଚନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ଝ ଶେଷରେ ଜଗବନ୍ଧୁ ମୃଦୁଳି ଓ ତାଙ୍କର ସାଥି କଳାକାର ମାନେ ମନୋରଂଜକ ଭଜନ ପରିବେଷଣ କରିଥିଲେ ।

# ରାଜ୍ୟ ସରକାରଙ୍କୁ ଟିପିଡବ୍ଲୁଓଡିଏଲ ଓ ନେସ୍କୋ ବଳକା ଅର୍ଥ କେବେ ଦେବେ : ବିଜେପି

ଭୁବନେଶ୍ୱର, (ପି.ଏନ): ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ପାଇଁ ୯୨ ଲକ୍ଷ ବିଦ୍ୟୁତ ଉପଭୋକ୍ତା ଏବେ କଷ୍ଟରେ ଅଛନ୍ତି । ରାଜ୍ୟ ସରକାର ସେବା କମ୍ ଏବଂ ଟିକସ ଅଧିକା ନେବା ନୀତି ଆପଣାଇଛନ୍ତି। ବିଜୁଳି ଭିତିଭୂମିର କାମ ପାଇଁ କେଉଁ ଠିକାଦାରକୁ ଦିଆଯାଇଛି ଏବଂ କେତେ ପରିମାଣରେ କାମ ହୋଇଛି ତାହାର ସବିଶେଷ ତଥ୍ୟ ଏକ ଶ୍ୱେତପତ୍ର ମାଧ୍ୟମରେ ରାଜ୍ୟ ସରକାର ଜଣାନ୍ତୁ ବୋଲି ରାଜ୍ୟ ଗଣମାଧ୍ୟମ ସଂଯୋଜକ ଦିଲ୍ଲୀପ ମଲ୍ଲିକ କହିଛନ୍ତି ।ରାଜ୍ୟରେ ୨୬ଟି ବଡ ଶିଳ୍ପ ସଂସ୍ଥା ଉପରେ ୨୯୪୯.୬୬ କୋଟି ଟଙ୍କାର ବକେୟା ବିଦ୍ୟୁତ ବିଲ୍ ପଡିରହିଛି । ରାଜ୍ୟ ସରକାର ଓ ପ୍ରଶାସନର ପ୍ରଚ୍ଛନ୍ନ ଷଡଯନ୍ତ୍ରରେ ଏହି କମ୍ପାନୀମାନେ କୋର୍ଟରୁ ରହିତାଦେଶ ଆଣି ରାଜ୍ୟ ରାଜକୋଷକୁ ରୁଗ୍ଣ କରିଦେଇଛନ୍ତି। ରାଜ୍ୟର ୪ଟି ବିଦ୍ୟୁତ ବିତରଣ କଂପାନୀ ଉପରେ ୫୪୧.୧୧ କୋଟି ଟଙ୍କା ବକେୟା ରହିଛି । ବାହାର ରାଜ୍ୟକୁ ଓଡିଶା ସରକାର ଯେଉଁ ବିଜୁଳି ବିକୁଛନ୍ତି ତାହାର ହାରାହାରି ୟୁନିଟ ପିଛା ମୂଲ୍ୟ ୩ଟ ୨୧ପଇସା ରହିଛି। ମାତ୍ର ବାହାର ରାଜ୍ୟ ମାନଙ୍କରୁ ଯେଉଁ ବିଜୁଳି ରାଜ୍ୟ ସରକାର କିଣୁଛନ୍ତି ତାହାର ୟୁନିଟ ପିଛା ହାରାହାରି ମୂଲ୍ୟ ୩ଟ ୮୧ପଇସା ରହିଛି । କିଣାବିକାରେ ଏହି ତାରତମ୍ୟ କାରଣରୁ ରାଜ୍ୟର ରାଜକୋଷ ଦୁର୍ବଳ ହୋଇଛି। ରାଜ୍ୟର ୩୩୨ଟି କମ୍ପାନୀ ଉପରେ ଜଳକର ବାବଦରେ ୫୧୫କୋଟିରୁ ଅଧିକ ଟଙ୍କା ଦୀର୍ଘ ଦିନରୁ ପଡି ରହିଛି ମାତ୍ର ଏହାକୁ ଆଦାୟ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି । ଶକ୍ତି ବିଭାଗ ମୋଟ ୭୦୧କୋଟି ବିଦ୍ୟୁତ୍ ବିତରଣ କମ୍ପାନୀ ମାନଙ୍କୁ ରିଲିଜ୍ କରିଥିଲେ। ସେଥିମଧ୍ୟରୁ ନେସ୍କୋ ୩୪୩କୋଟି ଖର୍ଚ୍ଚର ବିବରଣୀ ଶକ୍ତି ବିଭାଗକୁ ପ୍ରଦାନ କରିଥିବା ବେଳେ ଟିପିଡବ୍ଲୁଓଡିଏଲ ଓ ନେସ୍କୋ ବଳକା ଅର୍ଥ ଶକ୍ତି ବିଭାଗକୁ ଫେରାଇ ନାହାନ୍ତି ଓ କେବେ ଫେରାଇବେ ବୋଲି ଶ୍ରୀ ମଲ୍ଲିକ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି।






ଦିଲ୍ଲୀ ଓଡ଼ିଆ ଓକିଲ ସଂଘର ଉତ୍କଳ ଦିବସ ପାଳନ

## ମହିଳାଙ୍କୁ ହତ୍ୟା ଘଟଣା, ୩ ଅଟକ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ପାଟପୁର ପଞ୍ଚାୟତ ପାଣିମୁହାଣି ଗ୍ରାମର ବିଜୟ କୁମାର ନାୟକଙ୍କ ପତ୍ନୀ ବିନି ନାୟକଙ୍କ ହତ୍ୟା ଘଟଣାରେ ପୁଲିସ୍ ୩ଜଣ ଅଭିଯୁକ୍ତଙ୍କୁ ଅଟକ ରଖିଛି । ଗତକାଲି ପୁଲିସ୍ ୪ଜଣଙ୍କୁ ଥାନାକୁ ଧରିଆଣି ପଚରାଉଚରା କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣକୁ ଛାଡ଼ି ଦେଇଥିବା ଜଣାପଡ଼ିଛି । ଗଛକଟା ବିବାଦକୁ ନେଇ ପଡ଼ୋଶୀଙ୍କ ସଂଘବଦ୍ଧ ଆକ୍ରମଣରେ ବିନିଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ବିଜୟ ଗୁରୁତର ଆହତ ହୋଇଛନ୍ତି । ଏ ସଂପର୍କରେ ଅଭିଯୋଗ ପାଇ ପୁଲିସ୍ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି । ଶବ ବ୍ୟବଚ୍ଛେଦ ହୋଇ ବିନିଙ୍କ ମୃତଦେହ ଆଜି ଗାଁରେ ପହଞ୍ଚିବା ପରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା । ପରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଛି । ସୂଚନାଯୋଗ୍ୟ, ବିଜୟ ଓ ତାଙ୍କ ପଡୋଶୀଙ୍କ ମଧ୍ୟରେ ଜମିବାଡ଼ି ବିବାଦ ରହିଥିଲା । ତେବେ ଗୁରୁବାର ବିଳମ୍ବିତ ରାତିରେ ପଡୋଶୀଙ୍କ ବାଡ଼ିରେ ଥିବା କେତେକ ଗଛକୁ କିଏ ହାଣି ଦେଇଥିଲା । ତେବେ ଏସବୁ ଗଛକୁ ବିଜୟ ହାଣି ଦେଇଥିବା ଅଭିଯୋଗ କରି ପଡ଼ୋଶୀ ଗତକାଲି ତାଙ୍କୁ ମାରପିଟ୍ କରିଥିଲେ । ଏହାକୁ ନେଇ ବିବାଦ ଉଗ୍ରରୂପ ଧାରଣ କରିଥିବା ବେଳେ ୫ଜଣ ପଡ଼ୋଶୀ ବିନିଙ୍କୁ ପିଟିପିଟି ମାରି ଦେଇଥିବା ସ୍ୱାମୀ ବିଜୟ ଅଭିଯୋଗରେ ଦର୍ଶାଇଛନ୍ତି । ଥାନାରେ ଏବେ ୩ଜଣ ଅଭିଯୁକ୍ତ ଅଟକ ଥିବା ବେଳେ ଅନ୍ୟ ୨ଜଣ ବାହାରେ ବୁଲୁଛନ୍ତି । ଫଳରେ ତାଙ୍କ ଜୀବନ ପ୍ରତି ଭୟଥିବା ବିଜୟ ଆଶଙ୍କା କରୁଛନ୍ତି । ଶବ ବ୍ୟବଛେଦ ରିପୋର୍ଟ ଆସିଲେ ବିନିଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ୍ ସୂଚନା ଦେଇଥିବା ବେଳେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାପାଇଁ ବିଜୟ ଦାବି କରିଛନ୍ତି ।

## ବେଆଇନ ଲୁହାପଥର ଡମ୍ପିୟାର୍ଡରେ ପୋଲିସ୍ ଚଢଉ, ଜଣେ ଗିରଫ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ନୂଆସାହି ଜଙ୍ଗଲ ନିକଟରେ ବେଆଇନ ଭାବେ ଲୁହାପଥର ଗଚ୍ଛିତ ରଖିବା ଅଭିଯୋଗରେ ପୋଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ବଡଚଣା ଥାନା ଧାନମଣ୍ଡଳ ଅଂଚଳର ସେକ ମନାନ ବୋଲି ଜଣାପଡିଛି । ଏଠାରେ ଦୀର୍ଘଦିନ ହେଲା ମନାନ ଏହି ବେଆଇନ ଲୁହାପଥର ଗୁଣ୍ଡ ଗଛିତ କରିରଖୁଥିଲେ । ଏସମ୍ପର୍କରେ ଜେନାପୁର ପୋଲିସ ଖବର ପାଇ ସେଠାରେ ଚଢାଉ କରି ଅଭିଯୁକ୍ତକୁ ଗିରଫ କରିଥିଲା । ଏନେଇ ଜେନାପୁର ପୋଲିସ ୮୮/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଉସମାନକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ଶାକାହାରୀ ରଙ୍ଗଣୀ ସମାଜର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ଧର୍ମଶାଳା, (ପିଏନ୍): ନିଖିଳ ଉତ୍କଳ ଶାକାହାରୀ ରଙ୍ଗଣୀ ସମାଜ, ଯାଜପୁର ଶାଖାର ୫୦ତମ ବାର୍ଷିକ ଉତ୍ସବ ଓ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଧର୍ମଶାଳା ବ୍ଲକ ଉତରପ୍ରତାପ ପଞ୍ଚାୟତ ନହଙ୍ଗାପାଟଣା ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଅଜୟ କୁମାର ସାହୁଙ୍କ ସଭାପତିତ୍ୱରେ ପରିଚାଳିତ ସାଧାରଣ ସଭାରେ ବରୀ ବିଧାୟିକା ସୁନନ୍ଦା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶାକାହାରର ଉପାଦେୟତା ସଂପର୍କରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଧାୟିକା ସ୍ମରଣିକା ରଙ୍ଗାୟନକୁ ଉନ୍ମୋଚନ କରିବା ସହିତ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । ରାଉତରାପୁର ସରପଞ୍ଚ ସ୍ମୃତିରେଖା ସାହୁ ସମ୍ମାନୀତ ଅତିଥିଭାବେ ଭାବେ ଯୋଗଦେଇ ସଂଗଠନକୁ ମଜବୁତ କରିବା ପାଇଁ ପରାମର୍ଶ ଦେଇଥିଲେ । ସହସଂପାଦକ ରତ୍ନାକର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପଦେଷ୍ଟା ଜଳଧର ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ସଂପାଦକ ଶ୍ରୀଧର ଦାସ ସଂପାଦକୀୟ ବିବରଣୀ ପାଠ କରିଥିଲେ । ଗଗନ ବିହାରୀ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବ୍ରଜମୋହନ ବେହେରା ଧନ୍ୟବାଦ ଦେଇଥିଲେ । ଦୁଇଦିନ ଧରି ଚାଲିଥିବା ସମାରୋହରେ ସାଂଗଠନିକ ଆଲୋଚନା, ବୃକ୍ଷରୋପଣ, ସାଂସ୍କୃତିକ କାର୍ଯ୍ୟକ୍ରମ, ରକ୍ତଦାନ ଶିବିର ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରକ୍ତଦାନ ଶିବିରକୁ ଗୋକର୍ଣ୍ଣିକା ସଂପାଦକ ରମାକାନ୍ତ ଜେନା ଉଦ୍‌ଘାଟନ କରିଥିଲେ । ଏଠାରୁ ୪୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଜିଲ୍ଲା ପରିଷଦ ସଭ୍ୟ ଭାଗ୍ୟଧର ସେଠୀ, ସରପଞ୍ଚ ନିମାଇଁ ମଲିକ, ପୂର୍ବତନ ସରପଞ୍ଚ ସୁଧାଂଶୁ ସାହୁ, ସମିତି ସଭ୍ୟା କ୍ଷୀରାବ୍ଧି ତନୟା ମଲିକ ଅତିଥିଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ବ୍ରଜମୋହନ ବେହେରା, ସୁନାକର ନାୟକ, ରାମଚନ୍ଦ୍ର ନାୟକ, ଅକ୍ଷୟ କୁମାର ଦାସଙ୍କ ସମେତ ଅନୁଷ୍ଠାନର କର୍ମକର୍ତା ଓ ସଦସ୍ୟମାନେ ଉତ୍ସବ ପରିଚାଳନା କରିଥିଲେ ।

## ଗାଁ ମୁରବୀ ଗିରିଧାରୀ ସାମଲଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଧର୍ମଶାଳା, ୧୧।୪ (ପିଏନ୍): ଧର୍ମଶାଳା ବ୍ଲକ ଚୋରମୁହାଁ ପଂଚାୟତ ବଡମଙ୍ଗଳପୁର ଗାଁ ମୁରବୀ ଗିରିଧାରୀ ସାମଲଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଧର୍ମଶାଳା ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ଚୋରମୁହାଁ ପଂଚାୟତ ସମିତିସଭ୍ୟ ପ୍ରିୟବ୍ରତ ପ୍ରଧାନ, ସାମ୍ବାଦିକ ଅବିନେଶ୍ୱର ଶତପଥୀ, ବିଜେଡି ସଂଗଠକ ସୂର୍ଯ୍ୟମଣି ବାରିକ, ରମେଶ ଦାଶ, ରତିକାନ୍ତ ମହାନ୍ତି, ପୂର୍ବତନ ସମିତିସଭ୍ୟ ଉମାକାନ୍ତ ମୁଦୁଲି, ସୁରେଶ ରାଉତ, ବିଶ୍ୱଜିତ ସାମଲ, କେଦାରେଶ୍ୱର ଦାଶ, ଦୀପକ ରଂଜନ ସାମଲ ଯୋଗଦେଇ ସ୍ୱର୍ଗତ ସାମଲଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ଜିଲ୍ଲାପାଳଙ୍କ ଦ୍ୱାରା ଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ତଦାରଖ

ଧର୍ମଶାଳା, (ପିଏନ୍): ଯାଜପୁର ଜିଲ୍ଲାପାଳ ଚକ୍ରବର୍ତିସିଂ ରାଠୋର ସୋମବାର ଧର୍ମଶାଳା ଗସ୍ତରେ ଆସି ଏନଆରଜିଏସ କାମର ସମିକ୍ଷା କରିବା ସହ ବୁଲି ଦେଖିଥିଲେ । ଏନଆରଜିଏସରେ କାମ ହେଉଥିବା ପଣ୍ଡୁଆ ପୋଖରୀ ଓ ଜାରକା ଉ.ପ୍ରା ସ୍କୁଲ ପରିଦର୍ଶନ କରିଥିଲେ । ଜିଲ୍ଲାପାଳଙ୍କ ସହ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବିଡିଓ ଅରବିନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବ୍ୟାପକ କାର୍ଯ୍ୟ କରିବା ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ।

## ବାଲିମେଳା ପାୱାର ହାଉସ୍ ର ୧ ନମ୍ବର ୟୁନିଟ୍ କାର୍ଯ୍ୟକ୍ଷମ : ଆଉ ଦୁଇଟି ୟୁନିଟ୍ ର ଆଧୁନିକୀକରଣ ଖୁବ୍‌ଶୀଘ୍ର

ଭୁବନେଶ୍ୱର, (ପି.ଏନ): ପୁନର୍ନିର୍ମାଣ ଓ ଆଧୁନିକୀକରଣ ପରେ ବାଲିମେଳା ପାୱାର ହାଉସ୍ ର ୧ ନମ୍ବର ୟୁନିଟ୍ ପରୀକ୍ଷାମୂଳକ ଭାବେ ସମନ୍ୱିତ ହୋଇ କାର୍ଯ୍ୟ ଆରମ୍ଭ କରିଛି । ପରୀକ୍ଷାମୂଳକ ଭାବେ କାର୍ଯ୍ୟକ୍ଷମ ହେବା ପରେ ଖୁବ୍‌ଶୀଘ୍ର ଏହି ଉତ୍ପାଦନ ୟୁନିଟ୍ କୁ ବାଣିଜ୍ୟିକ କାର୍ଯ୍ୟକଳାପ ନିମନ୍ତେ ସୁପ୍ରସ୍ତୁତ ବୋଲି ଘୋଷଣା କରାଯିବ । ୟୁନିଟ୍ -୧ରେ ବର୍ତ୍ତମାନ ଡିଜିଟାଲ୍ ନିୟନ୍ତ୍ରଣ ବ୍ୟବସ୍ଥା, ସାଂଖ୍ୟିକ ନିରାପତା ଓ ସ୍କାଡ଼ା ବ୍ୟବସ୍ଥା ପରି ଅତ୍ୟାଧୁନିକ ବନ୍ଦୋବସ୍ତ କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ବର୍ଷ ଡିସେମ୍ବର ୨୯ ତାରିଖଠାରୁ ୟୁନିଟ୍-୨କୁ ପୁନରୁଦ୍ଧାର ଓ ଆଧୁନିକୀକରଣ ପରେ କାର୍ଯ୍ୟକ୍ଷମ କରାଯାଇଥିଲା । ମାଲକାନଗିରି ବାଲିମେଳାଠାରେ ପ୍ରତିଷ୍ଠିତ ୫୧୦ ମେଗାୱାଟ୍ କ୍ଷମତାବିଶିଷ୍ଟ ବାଲିମେଳା ପାୱାର ହାଉସ୍ ର ୧୯୭୩ ମସିହା ଅଗଷ୍ଟ ମାସରୁ ବିଦ୍ୟୁତ ଉତ୍ପାଦନ କରିଆସୁଛି । ପୁରୁଣାକାଳିଆ ଜ୍ଞାନକୌଶଳ, ବିଭିନ୍ନ ଯନ୍ତ୍ରାଂଶର ଅଭାବ ଓ ବିଭିନ୍ନ ଯନ୍ତ୍ରପାତି ଅଚଳ ହେବା କାରଣରୁ ଏହାର ୬ଟି ଯାକ ଉତ୍ପାଦନ ୟୁନିଟ୍ ର ପର୍ଯ୍ୟାୟ କ୍ରମେ ଆଧୁନିକୀକରଣ ପାଇଁ ଯୋଜନା କରାଯାଇଥିଲା । ସେହି ଅନୁସାରେ କେନ୍ଦ୍ର ସରକାରଙ୍କ ଉଦ୍ୟୋଗ 'ଭେଲ୍' ସହିତ ୨୦୧୬ ମସିହା ସେପେଟମ୍ବର ୨୩ ତାରିଖ ଦିନ ଆଧୁନିକୀକରଣ ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ଦୀର୍ଘ ୪୪ ବର୍ଷ ଧରି ନିରନ୍ତର ସେବା ଯୋଗାଉଥିବା ବାଲିମେଳା ପାୱାର ହାଉସର ୧ ଓ ୨ ନମ୍ବର ୟୁନିଟ୍ ଆଧୁନିକୀକରଣ ଓ ପୁନରୁଦ୍ଧାର କରାଯାଇପାରିଛି । ପାୱାର ୟୁନିଟ୍ ଦୁଇଟିର ଦକ୍ଷତା ଓ ବିଶ୍ୱସନୀୟତା ବୃଦ୍ଧି କରିବା ନିମନ୍ତେ ବିଭିନ୍ନ ବିଦ୍ୟୁତ ଯନ୍ତ୍ରାଂଶ, ନିୟନ୍ତ୍ରଣ ବ୍ୟବସ୍ଥା ଓ ୱାଟର କଣ୍ଡକଫର ବ୍ୟବସ୍ଥାର ନବୀକରଣ କରାଯାଇଛି ।

## ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି । ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

## ଦିବାରାତ୍ର କ୍ରିକେଟ୍; କାକରୁଦ୍ରପୁର ଚମ୍ପିଆନ



ଫୁଲନଖରା, (ସିଏମସି ୫୯ନମ୍ବର ଓ୍ୱାର୍ଡ଼ ଅ'ର୍ଗତ କାଚରାମାଳଠାରେ ଦୁଇ ଦିନ ଧରି ଚାଲିଥିବା ସ୍ୱାଗତ ମେମୋରିଆଲ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଶେଷ ହୋଇଛି। ଏଥିରେ କାକରୁଦ୍ରପୁର ଟିମ ମହୁଖଣ୍ଡା ଟିମକୁ ୨୦ରନରେ ହରାଇ ଚମ୍ପିଆନ ହୋଇଛି। ଉଦଘାଟନ ଦିବସରେ ଏସିପି ଚନ୍ଦନ ଘଡ଼େଇ, କଂଗ୍ରେସ ନେତା ପ୍ରଶାନ୍ତ ମହାନ୍ତି ଓ ସୂର୍ଯ୍ୟକାନ୍ତ ବରାଳ ଅତିଥିଭାବେ ଯୋଗଦେଇ ଥିଲେ। ଉଦଯାପନ ଦିବସରେ ସ୍ଥାନୀୟ କର୍ପୋରେଟର ମମତା ମହାନ୍ତି ମୁଖ୍ୟ ଅତିଥି ଓ ସମାଜସେବୀ ବଦ୍ରିନାରାୟଣ ପଟ୍ଟନାୟକ, କଟକ ସଦର ପ୍ରେସ କ୍ଲବ ସମ୍ପାଦକ ପ୍ରତାପକେଶରୀ ପାତ୍ର ଓ ସଂଗଠକ ସ୍ୱାଧିନଚେତା ମହାନ୍ତି ସମ୍ମାନିତ ଅତିଥିରୂପେ ମଞ୍ଚାସୀନ ହୋଇ ଚମ୍ପିଆନ ଦଳକୁ ୧୫ହଜାର ଓ ରନର୍ସଅପ ଦଳକୁ ୧୦ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ଲକ୍ଷେଶ୍ୱର ୟୁଥ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ସରୋଜ ନାୟକ, ହିମାଂଶୁ ଦାସ, ଆଲୋକ ବେହେରା, ମନୋଜ ପଟ୍ଟନାୟକ, ଅଭିଷେକ ଦାସ, ସୁନିଲ ବେହେରା, ରଶ୍ମିରଂଜନ ଭୋଇ, ପବିତ୍ର ମଲିକ, ରାଜେନ୍ଦ୍ର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ଅସ୍ଥାୟୀ ମଣ୍ଡପରେ ଅବସ୍ଥାନ କଲେ ମା ବୁଢ଼ୀ ଠାକୁରାଣୀ

ଗଞ୍ଜାମ, (ପି.ଏନ): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହରର ଆରାଧ୍ୟ ଦେବୀ ମା ବୁଢ଼ୀ ଠାକୁରାଣୀଙ୍କ ସାତ ଦିନିଆ ଯାତ୍ରା ଗତକାଲି ଠାରୁ ଆରମ୍ଭ ହୋଇଛି । ଗତକାଲି ରାତି ୧ଟା ବେଳେ ସ୍ଥାୟୀ ମନ୍ଦିରରୁ ନିମନ୍ତ୍ରିତ ହୋଇ ପିତାଙ୍କ ଘରକୁ ଆସିଛନ୍ତି ମା ବୁଢ଼ୀ ଠାକୁରାଣୀ । ଠାକୁରାଣୀଙ୍କ ତଥାକଥିତ ପିତା ଦେଶୀ ବେହେରା (ପି. ଦୂର୍ଗାପ୍ରସାଦ) ଏବଂ ତାଙ୍କ ପତ୍ନୀ ମା ଦେବକୀ ଏକ ପଟୁଆରରେ ମାଙ୍କ ସ୍ଥାୟୀ ମନ୍ଦିରକୁ ଯାଇ ରାତି ସାଢ଼େ ୧୧ଟା ସମୟରେ ନିମନ୍ତ୍ରଣ କରିଥିଲେ। ଠାକୁରାଣୀଙ୍କ ମଥାରୁ ଇଟମଳା ମାଳ ଖସିବା ପରେ ମାତା ଦେବକୀ ଫୁଲ ଚାଙ୍ଗୁଡ଼ାରେ ଠାକୁରାଣୀଙ୍କ ଆଜ୍ଞାମାଳକୁ ତାଙ୍କ ଘରକୁ ଆଣି ନିକଟସ୍ଥ ଅସ୍ଥାୟୀ ମଣ୍ଡପରେ ଅବସ୍ଥାପିତ କରିଛନ୍ତି । ଏହି ଆଜ୍ଞାମାଳ ମାଟି ଘଟରେ ସ୍ଥାପନ କରାଯିବା ପରେ ଯାତ୍ରା ଆରମ୍ଭ ହୋଇଛି । ମା ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କରୋନା କଟକଣା ଲାଗି ମାତ୍ର ସପ୍ତାହ ପାଇଁ ଆୟୋଜନ ନେଇ ନିର୍ଦ୍ଦେଶ ରହିଛି ।

## ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ସଂପୃକ୍ତ ଅଭିଯୁକ୍ତଙ୍କ ଠାରୁ ଏଲଇଡି ୱାଲ ଓ ବ୍ୟବହୃତ କାର ଜବତ,୪ ଗିରଫ

ଖୋର୍ଦ୍ଧା, (ପିଏନ); ଜି ଉଦୟଗିରିରୁ ଲକ୍ଷାଧିକ ଏଲଇଡି ୱାଲକୁ ଏକ ଟାଟା ଏସିରେ ଭର୍ତି କରି ଆସୁଥିବା ସମୟରେ ଗତ ୨ ତାରିଖ ବିଳମ୍ବିତ ରାତିରେ ବେଗୁନିଆ ବ୍ଲକ ବାଘମାରୀ ଥାନା ଅ'ର୍ଗତ ହଟ୍ଟକେଶ୍ୱର ମହିଳା ମହାବିଦ୍ୟାଳୟ ନିକଟସ୍ଥ ୫୭ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ପୋଖରୀ ନିକଟରେ ଗାଡିଟି ଖରାପ ହୋଇଯାଇଥିଲା ।ଚାଳକ ସଂ'ାଷ ଗୌଡ ଗାଡିଟିକୁ ରଖି ପାଣି ଆଣିବା ପାଇଁ ଯାଇଥିବା ସମୟରେ ଏକ କାର ପିଛା କରି ଅତର୍କିତ ଭାବରେ ଟାଟା ଏସି ଗାଡିଟିକୁ ନେଇ ଆଖି ପିଛୁଳାକେ ଅ'ର୍ଦ୍ଧାନ ହୋଇ ଯାଇଥିଲେ ।ଏ ନେଇ ଶ୍ରୀ ଗୌଡଙ୍କ ଅଭିଯୋଗ କ୍ରମେ ଖୋର୍ଦ୍ଧା ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁଶୀଲ କୁମାର ମିଶ୍ରଙ୍କ ନେତୃତ୍ୱରେ ପୋଲିସ ବିଭାଗର ସ୍ପେସିଆଲ ସ୍କ୍ୱାର୍ଡ ନିୟୋଜିତ ହୋଇ ତଦନ୍ତ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା ।

## ବାରିପଦା ବ୍ଲକସ୍ତରୀୟ ଦିନିକିଆ ବିଜ୍ଞାନମେଳା ଅନୁଷ୍ଠିତ : ୧୫୦ ଛାତ୍ର ଛାତ୍ରୀଙ୍କ ଦ୍ୱାରା ମୋଟ ୮୪ ଟି ପ୍ରକଳ୍ପ ପ୍ରଦର୍ଶିତ




ବାରିପଦା,(ପି.ଏନ) : ସ୍ଥାନୀୟ ମହାରାଣୀ ପ୍ରେମ କୁମାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବାରିପଦା ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି ଓ ଏହି ମେଳାରେ ବାରିପଦା ବ୍ଲକ ଓ ମ୍ୟୁନିସିପାଲଟିର ପ୍ରାଥମିକ ଠାରୁ ଉଚ୍ଚ ମାଧ୍ୟମିକ ପର୍ଯ୍ୟନ୍ତ ବିଦ୍ୟାଳୟର ପ୍ରାୟ ୧୫୦ ଛାତ୍ର ଛାତ୍ରୀଙ୍କ ଦ୍ୱାରା ମୋଟ ୮୪ ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା ଓ ସେଥିମଧ୍ୟରୁ ଏମକେସି ଉଚ୍ଚ ବିଦ୍ୟାଳୟର ବର୍ଷା ପ୍ରିୟଦର୍ଶିନୀ, ଏମଟିକେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଦୁସ୍ମିତା ପ୍ରଧାନ, ରାଧାରାଣୀ ଓ ଦୟାଭାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସସ୍ମିତା ପ୍ରିୟଦର୍ଶିନୀ, ବଳାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟର ରଶ୍ମିତା ମାରାଣ୍ଡି, ବଡ ବ୍ରାହ୍ମଣ ମରା ଉଚ୍ଚ ବିଦ୍ୟାଳୟର ପଦ୍ମାବତୀ ସିଂହ ଓ ଶ୍ରୀପଦଗଞ୍ଜ ଉଚ୍ଚ ବିଦ୍ୟାଳୟର ଆଶିଷ କୁମାର ଦେ ଙ୍କ ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛି ଓ ତତସହିତ ଅନ୍ୟ ୧୩ଜଣଙ୍କୁ ମଧ ପୁରସ୍କୃତ କରାଯାଇଥିଲା ଓ ଜଗନ୍ନାଥ ସାହୁ ଓ ଦିଲ୍ଲୀପ କୁମାର ମିଶ୍ର ବିଚାରକ ଭାବେ ଶ୍ରେଷ୍ଠ ପ୍ରକଳ୍ପ ଗୁଡିକୁ ବାଛିଥିଲେ ଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାରିପଦା ପୌରପାଳିକାର ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ପୁରସ୍କାର ବିତରଣ କରିଥିଲେ ଓ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ପ୍ରଭାତୀ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ଦୀପ୍ତି ନାୟକ ଓ ଡ. ପ୍ରଶାନ୍ତ କୁମାର ମହାନ୍ତି ତଥା ଏମପିକେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବିଜୟଲକ୍ଷ୍ମୀ ନାୟକ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରଜମୋହନ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ ଓ ଡ଼ ଶଶୀଧର ବିଶ୍ୱାଳ ଓ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିବାବେଳେ ସଞ୍ଜୟ କୁମାର କଳିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଣି ଖାଲିପଡିଲା ରାଉରକେଲା ଭିଜିଲାନ୍ସ ଏସପି ପଦବୀ

ରାଉରକେଲା, (ପି.ଏନ): ନିକଟ ଅତୀତରେ ରାଜ୍ୟ ସରକାର ରାଉରକେଲା ଭିଜିଲାନ୍ସ ଅଫିସକୁ ବିନା ଅଫିସ ଘର ଓ ଆବଶ୍ୟକିୟ କର୍ମଚାରୀ ଅଭାବରେ ଏସପି ଅଫିସ ଘୋଷଣା କଲା ପରେ ଏହି ଅଫିସରେ ପୁଣି ଏସପି ପଦବୀ ଖାଲି ପଡିଛି । ଏଠାରେ ରାଉରକେଲା ଭିଜିଲାନ୍ସ ୟୁନିଟର ଡିଏସପି ଉଭୟ ଏସପି ଓ ଡିଏସପି ଅଫିସ ଚଳାଉଥିବା ବେଳେ ସମ୍ବଲପୁର ଭିଜିଲାନ୍ସ ଏସପି ଦାୟିତ୍ୱରେ ରହିଛନ୍ତି । ଏହାଦ୍ୱାରାଏହି ଏସପି ଅଫିସ ଅଧିନରେ ଥିବା ଅନେକ ମାମଲାର ତଦନ୍ତ ସଠିକ୍ ଭାବରେ ଆଗଇ ନପାରିବା ସହ ଟିମ୍ ଲିଡରଙ୍କ ଅନୁପସ୍ଥିତିରେ ଭିଜିଲାନ୍ସର ବାସ୍ତବ କାମ ମଧ୍ୟ ଏଠାରେ ହୋଇପାରୁନଥିବା କୁହାଯାଉଛି । ଗତ ୭-୦୯-୨୦୨୦ରେ ଏହି ଅଫିସକୁ ସରକାର ଏସପି ଅଫିସ ଘୋଷଣା କରିବା ସହ ଜଣେ ପ୍ରମୋଟି ଅଧିକାରୀଙ୍କୁ ଏଠାରେ ଅବସ୍ଥାପିତ କଲେ । ସେ ମିଡିଆରେ ବହୁତ କଥା କହିଲେ, ହେଲେ କିଛି ହେଲାନି, ପରେ ସମ୍ବଲପୁର ଠାରେ ଥିବା ନାମୀ ଏସପି ସୁବାଷ ସ୍ୱାଇଁଙ୍କୁ ଏଠାକୁ ଅଣାଗଲା । ସେ ମାତ୍ର ଅଳ୍ପ ଦିନ ମଧ୍ୟରେ ଟ୍ରାପ୍, ଡିଏ ଆଦି ମିଶାଇ ୧୪ଟି ମାମଲା କରିପାରିବା ସହ ସମସ୍ତ ୟୁନିଟକୁ ଚଳ ଚଂଚଳ କରି ଦେଇପାରିଲେ । ହେଲେ ନିକଟରେ ତାଙ୍କର ଅବସର ହୋଇସାରିଛି । ସେ ଅବସର ନେବାପରେ ପୁଣି ସମ୍ବଲପୁର ଏସପି ଭିଜିଲାନ୍ସ ଏହି ଅଫିସ ଦାୟିତ୍ୱରେ ରହିଛନ୍ତି । ଏଠାରେ ଏସପି ପଦବୀ ଖାଲି ସାଙ୍ଗକୁ ଏସପିଙ୍କ ଅଫିସ ର ଅନେକ ପଦବୀ ଯେମିତିକି ଡିଏସପି ପଦବୀ ମଧ୍ୟ ଖାଲି ରହିଛି । ଏହାଦ୍ୱାରା ଏହି ଏସପି ଅଫିସ ଅଧିନରେ ଥିବା ବିଭିନ୍ନ ଡିଏସପି ଅଫିସ ଗୁଡିକୁ ଚଳାଇବା କେତେ କଷ୍ଟ ଜିଏ ଏହି ଅଫିସକୁ ପରିଚାଳନା କରୁଛନ୍ତି ସିଏ ହିଁ ସବୁ ଜାଣି ପାରୁଥିବେ । ରାଜ୍ୟ ସରକାରଙ୍କର ବିଭିନ୍ନ ଅଫିସ ରେ ବର୍ତମାନ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡିଥିବା ବେଳେ ଜଣେ ଅଫିସର ବିଭିନ୍ନ ଅଫିସ ଦାୟିତ୍ୱରେ ରହୁଛନ୍ତି । ଫଳରେ କାମ ମଧ ଢିଲା ହେଉଥିବାର ଅଭିଯୋଗ ହେଉଛି । ହେଲେ ଭିଜିଲାନ୍ସ ଏସପି ଅଫିସରେ ୨ଟି ଡିଏସପିଙ୍କ ସମେତ ଯଦି ଖୋଦ ଏସପି ପଦବୀଟି ଦାୟିତ୍ୱରେ ଚାଲେ ତେବେ ଭିଜିଲାନ୍ସ ବିଭାଗର କାମ କିଭଳି ଚାଲିବ ତାହା ସହଜରେ ଅନୁମାନ କରାଯାଇପାରେ । ରାଉରକେଲା ସମେତ ସୁନ୍ଦରଗଡ ପ୍ରଭୃତି ଅଂଚଳରେ ଥିବା ବିଭିନ୍ନ ନାମୀ ଅଫିସ ଯେମିତିକି ଆରଟିଓ, ତହସିଲ, ଲେବର, ମାପ ଓ ଓଜନ, ଫାକ୍ଟ୍ରୀ ବୟଲର ବିଭାଗ ଓ ମହାନଗରନିଗମ ଉପରେ ଭିଜିଲାନ୍ସର ନଜର ଏଯାଏ ପଡିନି । ରାଉରକେଲା ଲେବର ଅଫିସ ବିରୋଧରେ ୯ କୋଟୀ ଟଙ୍କାର ହରିଲୁଟ ଅଭିଯୋଗ ମଧ ତଦନ୍ତରେ ବିଳମ୍ବ ହେଉଛି । ବିଗତ ୬ ମାସ ତଳେ ଏଭଳି ହରିଲୁଟର ତଦନ୍ତ ଲାଗି ଖୋଦ ଲୋକାୟୁକ୍ତ ଭିଜିଲାନ୍ସ ଡିଜିଙ୍କୁ ଦାୟିତ୍ୱ ଦେବା ପରେ ଡିଜି ଭିଜିଲାନ୍ସ ରାଉରକେଲା ଭିଜିଲାନ୍ସ ଏସପିଙ୍କୁ ଦାୟିତ୍ୱ ଦେଇଥିଲେ । ତେବେ ଲେବର ବିଭାଗ ସଠିକ୍ ସମୟରେ ସହଯୋଗ ନକରି ଗତ ୨୩ ତାରିଖରେ ସମସ୍ତ କାଗଜପତ୍ର ଦେବା ପରେ ଏହାର ତଦନ୍ତ ଆରମ୍ଭ ହୋଇଛି । ତେବେ ଅଧିକାରୀ ଓ ଅଫିସରଙ୍କ ଅଭାବରୁ ଏହିଭଳି ଅନେକ ମାମଲାର ତଦନ୍ତ ଆଗେଇ ପାରୁନଥିବା ବେଳେ ଅନେକ ମାମଲା ହୋଇପାରୁନି ଓ ସରକାରଙ୍କ ପ୍ରକୃତ ଲକ୍ଷ ଲୋକଙ୍କୁ ନ୍ୟାୟ ଦେବା ତାହା ମଧ ପୁରଣ ହୋଇପାରୁନି । ରାଜ୍ୟରେ ମଧ ଅନେକ ଆଇପିଏସ ପଦବୀ ଖାଲି ରହିଛି । ଏହିପଦବୀର ଅଧିକାରୀଙ୍କ ସଂଖ୍ୟା ବହୁତ କମ୍ ରହିଛି । କିନ୍ତୁ ଭିଜିଲାନ୍ସ ଭଳି ଗୁରୁତ୍ୱପୂର୍ଣ୍ଣ ଅଫିସରେ ଏସପି ଓ ଡିଏସପି ପଦବୀ ନିହାତି ପୂରଣ ହେବା ଦରକାର ବୋଲି ସାଧାରଣରେ ମତ ପ୍ରକାଶପାଇଛି ।

## ଶିକ୍ଷୟିତ୍ରୀଙ୍କ ଗଣମାଧ୍ୟମକୁ ବୟାନ ଦେବା ନେଇ ଉତ୍ତେଜନା

ଫୁଲନଖରା, (ପି.ଏନ): ସରକାରୀ ଆଚରଣ ବିଧି ନିୟମକୁ ଉଲ୍ଲଙ୍ଘନ କରି ସଇନ୍ଧା ସରକାରୀ ନୋଡ଼ାଲ ହାଇସ୍କୁଲର ସହକାରୀ ଶିକ୍ଷୟିତ୍ରୀ ଏକ ବୈଦ୍ୟୁତିକ ଗଣମାଧ୍ୟମ ସାମ୍ନାରେ ଅଞ୍ଚଳବାସୀଙ୍କ ବିରୁଦ୍ଧରେ କପୋଳକଳ୍ପିତ ବିଷୋଦଗାର କରିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି। ଏଇ କିଛି ଦିନ ତଳେ ଏକ ବିଦାୟକାଳୀନ ସଭାରେ ଯୋଗଦେଇଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସଂଘମିତ୍ରା ପାଢ଼ୀ ବିଦ୍ୟାଳୟର ପୁରାତନ ଛାତ୍ର ଏବଂ ଅଞ୍ଚଳବାସୀଙ୍କ ବିରୁଦ୍ଧରେ ଗୁଡ଼ାଏ ମିଥ୍ୟା ଅଭିଯୋଗ ଆଣି ତାଙ୍କୁ ଏଠାରୁ ବଦଳି କରିବା ନେଇ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ତେବେ ନିଜ ଅଭିଯୋଗକୁ ଥାନା ଅଥବା ବିଭାଗୀୟ ଅଧିକାରୀଙ୍କୁ ନଜଣାଇ ସିଧାସଳଖ ଗଣମାଧ୍ୟମରେ ଅଭିଯୋଗ କରିବାକୁ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ସରକାରୀ ଆଚରଣ ବିଧି ମୁତାବକ ପ୍ରାଧିକୃତ ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ କେହି ଗଣମାଧ୍ୟମରେ ବିବୃତ୍ତି ଦେଇପାରିବେ ନାହିଁ ବୋଲି ନିୟମ ରହିଛି। ମାତ୍ର ଶିକ୍ଷୟିତ୍ରୀ ପାଢ଼ୀ ଏହାକୁ କିପରି ଉଲ୍ଲଙ୍ଘନ କଲେ ବୋଲି ଏବେ ପ୍ରଶ୍ନ ଉଠିଛି। ଏହାକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ଉପାଧ୍ୟକ୍ଷ ପ୍ରଦୀପ୍ତକୁମାର ସାହୁ, ସଭ୍ୟ ପ୍ରମୋଦ ସାହୁ, ପୁରାତନ ଛାତ୍ର ଲକ୍ଷ୍ମୀଧର ସେଠୀ ଓ ପ୍ରତିଷ୍ଠାତା ସଦସ୍ୟ ପଦନକୁମାର ସାହୁଙ୍କ ସମେତ ବହୁ ଛାତ୍ର ଓ ଅଭିଭାବକ ଜିଲାପାଳ ଏବଂ ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ମୟୂରଭଂଜର ପ୍ରସିଦ୍ଧ ଚୈତ୍ର ପର୍ବ ଉଦଘାଟିତ : ଛଉନୃତ୍ୟର ବିକାଶ ପାଇଁ ସମ୍ମିଳିତ ଉଦ୍ୟମ ଲୋଡା



ବାରିପଦା, (ପି.ଏନ) :ଆଜି ବିଶ୍ୱ ପ୍ରସିଦ୍ଧ ମୟୂରଭଂଜ ଛଉନୃତ୍ୟର ବାର୍ଷିକ ଉତ୍ସବ ଚୈତ୍ର ପର୍ବ ବାରିପଦା ଛଉ ପଡିଆ ଠାରେ ଉଦଘାଟିତ ହୋଇ ଯାଇଛି । ଏଥି ସହିତ ଅରମାସ ପକ୍ଷରୁ ଆୟୋଜିତ ପଲ୍ଲିଶ୍ରୀ ମେଳା ମଧ୍ୟ ସଂଲଗ୍ନ କଲେଜ ପଡିଆରେ ଉଦଘାଟିତ ହୋଇ ଯାଇଛି । ଚୈତ୍ରପର୍ବ ତ ଥା ଛଉ ମୋହତ୍ସବ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ, ପଲ୍ଲିଶ୍ରୀ ମେଳା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣା ଯାଇଛି । ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ସମ୍ମାନୀତ ଅତିଥି ଭାବରେ ମରୋଡା ବିଧାୟକ ରାଜକିଶୋର ଦାସ, କରଂଜିଆ ବିଧାୟିକା ବାସନ୍ତି ହେମ୍ବ୍ରମ, ସାରସକଣା ବିଧାୟକ ଡା. ବୁିଡାନ ମୁର୍ମୁ, ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝି, ମୟୂରଭଞ୍ଜ ଏସପି ଦ୍ୟାନଦେଓ ରିଷିକେଶ ଖିଲାରୀ, ପି.ଡି ଡି.ଆର.ଡି.ଏ ଅନ୍ୟାସା ରେଡି ,ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା ଯୋଗଦେଇ ବିଶ୍ୱ ପ୍ରସିଦ୍ଧ ଛଉ ନାଚ୍ ପାଇଁ ମୟୂରଭଞ୍ଜ ସାରାବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ, ଛଉନୃତ୍ୟ ତଥା ଛଉ କଳାକାର ମାନଙ୍କର ସାମଗ୍ରିକ ବିକାଶ ପାଇଁ ସମ୍ମିଳିତ ଉଦ୍ୟମ ଲୋଡା ବୋଲି କୁହାଯାଇଛି ।ଆଜି ପ୍ରଥମ ଦିନ ରାତିତମାମ ଗ୍ରାମାଂଚଳ ଛଉ ଅନୁଷ୍ଠିତ ହେବାକୁ ଥିବା ବେଳେ, ୧୨ ଓ ୧୩ ତାରିଖ ଦୁଇ ଦିନ ଧରି ରାଜା ରାଜୁଡା ଅମଳର ପରଂପରା ଅନୁସାରେ ଉତର ସାହି ଓ ଦକ୍ଷିଣ ସାହି ଛଉନୃତ୍ୟ ପ୍ରତିଷ୍ଠାନ ମଧ୍ୟରେ ପ୍ରତିଯୋଗୀତା ଭିତିରେ ଛଉନାଚ୍ ଅନୁଷ୍ଠିତ ହେବ । ରାଜଦରବାର ସମୟରେ ଉତର ସାହି ଦଳ ରାଣୀ ଙ୍କର ଦଳ ଥିବା ବେଳେ, ଦକ୍ଷିଣ ସାହି ଦଳ ରାଜାଙ୍କର ଦଳ ଭାବରେ ରହି ଆସିଛି ।


ADMISSION OPEN

MAHARISHI PUBLIC SCHOOL

STD-I TO V

25% SEATS ARE RESERVED FOR EWS STUDENTS IN STD - 1 ENROLL YOUR CHILD TODAY



FIND THE DIFFERENCE

- SURVEILLANCE THROUGH CCTV CAMERA
- SMALL CLASSES
- CONGENIAL ENVIRONMENT
- INTIMATE, SAFE & SECURED PLACE
- INDIVIDUALS ATTENTION TO EACH CHILD
- EXPERIENCED & LOVING TEACHERS
- SPECIOUS PLAYGROUND
- AC ACTIVITY ROOM
- TRANSPORT FACILITIES





MAHARISHI PLAY SCHOOL

PLAYGROUP (2+), NURSERY (3+), LKG, UKG, STD I TO V

N-4/F-24, IRC VILLAGE, NAYAPALLI, BHUBANESWAR - 751015

PH : (0674) 2558884 2550786, 9348320060

E-mail : maharishipublic13@gmail.com, Website : www.maharishipublicschool.com



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray